Bhubaneswar- 23 June 2026
ଭୁବନେଶ୍ୱର- ୨୩ ଜୁନ୍ ୨୦୨୬
Vol- 1 Issue - 57
ଭାଗ- ୧ ସଂଖ୍ୟା- ୫୭
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
«ଯୋଗାଯୋଗ»
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୨୦୧୦୦୭

## ହୁତୁହୁତୁ ହୋଇ ଜଳିଲା ଗେମିଂ ଜୋନ୍

# ଜୀଅନ୍ତା ଜଳିଗଲେ ୧୫

- ମୃତକଙ୍କ ବୟସ ୨୦ରୁ ୨୪ ବର୍ଷ ମଧ୍ୟରେ
- ଜୀବନ ବଞ୍ଚାଇବାକୁ ଛାତରୁ ତଳକୁ ଡେଇଁ ପଡ଼ିଲେ
- ସହାୟତା ରାଶି ଘୋଷଣା କଲେ ପ୍ରଧାନମନ୍ତ୍ରୀ



**ଲକ୍ଷ୍ନୌ:** ଗୋଟିଏ ବଡ଼ ବିଲଡିଂରେ ଭୟଙ୍କର ଅଗ୍ନିକାଣ୍ଡ। ହୁତୁହୁତୁ ହୋଇ ଜଳି ଯାଇଛି ଉତ୍ତର ପ୍ରଦେଶର ଲକ୍ଷ୍ନୌ ସ୍ଥିତ ଅଲୀଗଞ୍ଜରେ ଥିବା ଗୋଟିଏ ୩ ମହଲା ବିଶିଷ୍ଟ ବିଲଡିଂ। ନିଆଁର ଆଁରେ ୧୪ ଜଣ ପ୍ରାଣ ହରାଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ସେହିପରି କିଛି ଲୋକ ଓ ପିଲା ଜୀବନ ବିକଳରେ ବିଲଡିଂର ପ୍ରଥମ ମହଲାରୁ ଡେଇଁ ପଡ଼ିଛନ୍ତି। ଆଉ କିଛି ଲୋକ ବିଲଡିଂ ମଧ୍ୟରେ ଫସି ରହିଥିବା ମଧ୍ୟ କୁହାଯାଉଛି। ପ୍ରଥମେ କୁହାଯାଉଥିଲା ଯେ ବିଲଡିଂରେ ଗୋଟିଏ କୋଚିଂ ସେଣ୍ଟର ଚାଲିଥିଲା। ହେଲେ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଏହାକୁ ଅଗ୍ରାହ୍ୟ କରିଛନ୍ତି। ସେମାନଙ୍କ କହିବା କଥା ଯେ ବିଲଡିଂରେ କୌଣସି କୋଚିଂ ସେଣ୍ଟର କିମ୍ବା ଲାଇବ୍ରେରୀ ଚାଲୁ ନଥିଲା। ଏହାର ତଳ ମହଲାରେ ଗୋଟିଏ ପେଟ୍ ଶପ, ଉପର ମହଲାରେ ଗେମିଂ ଜୋନ ଓ ଆନିମେସନ ସେଣ୍ଟର ରହିଥିଲା। ଅଗ୍ନିକାଣ୍ଡ ବେଳେ ଗେମିଂ ଜୋନ ଓ ଆନିମେସନ ସେଣ୍ଟରରେ ପିଲାମାନେ ରହିଥିଲେ। ସେହିପରି ସଫ୍ଟୱେୟାର କର୍ମଚାରୀମାନେ ବି କାମ କରୁଥିଲେ। ସେମାନଙ୍କ ମଧ୍ୟରୁ କିଛି ଜଣ ଅଗ୍ନିକାଣ୍ଡ ପରେ ବିଲଡିଂର ପ୍ରଥମ ମହଲାରୁ ତଳକୁ ଡେଇଁ ପଡ଼ିଥିବା କୁହାଯାଉଛି। ଅଗ୍ନିକାଣ୍ଡର ଖବର ପାଇ ପୁଲିସ୍ ଓ ଅଗ୍ନଶମ ବାହିନୀ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେମାନେ ଦୀର୍ଘ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଛନ୍ତି। ଏହାପରେ ବିଲଡିଂ ମଧ୍ୟରୁ ୧୪ ଜଣଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ଅଧିକାଂଶ ଲୋକ ପୋଡ଼ି ଯାଇ ପ୍ରାଣ ହରାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଉପ ମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ଜଣେ ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି, "ଏହା ଗୋଟିଏ ୩ ମହଲା ବିଶିଷ୍ଟ କୋଠା। ପ୍ରଥମେ ଉପର ମହଲାରେ ଅଗ୍ନିକାଣ୍ଡ ଘଟିଥିଲା ଓ ତୁରନ୍ତ ଅନ୍ୟ ସ୍ଥାନକୁ ବ୍ୟାପିଥିଲା। ଉଦ୍ଧାର କାର୍ଯ୍ୟ ପାଇଁ ବିଲଡିଂର କିଛି ଝରକାକୁ ଭଙ୍ଗା ଯାଇଛି।" ଅଗ୍ନିକାଣ୍ଡ ଯୋଗୁ ଅନେକ ଲୋକ ଓ ପିଲାମାନେ ବିଲଡିଂ ମଧ୍ୟରେ ଫସି ରହିଥିବା କୁହାଯାଉଛି। ଆଉ ଜଣେ ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା କଥା ଯେ ୫ରୁ ୭ ଜଣ ଯୁବକ ବିଲଡିଂର ଉପର ମହଲାରୁ ତଳକୁ ଡେଇଁଛନ୍ତି। ଜଣଙ୍କ ହାତ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଅନ୍ୟମାନେ ମଧ୍ୟ ଆହତ ହୋଇଛନ୍ତି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଧିକାରୀମାନଙ୍କୁ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରି ଆହତଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୟଙ୍କର ଅଗ୍ନିକାଣ୍ଡ ଘଟଣାରେ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ୨ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ଆହତଙ୍କ ଆଶା ଆରୋଗ୍ୟ କାମ କରୁଛନ୍ତି। ଅଗ୍ନିକାଣ୍ଡର ପ୍ରକୋପ ଏତେ ଅଧିକ ଥିଲା ଯେ ଏହାର ଆଖପାଖ ଅଞ୍ଚଳରେ ଥିବା ବିଲଡିଂ ପ୍ରତି ବିପଦ ସୃଷ୍ଟି ହୋଇଥିଲା। କିନ୍ତୁ ଅଗ୍ନିଶମ ବାହିନୀ ନିଆଁକୁ ଅନ୍ୟତ୍ର ବ୍ୟାପିବାକୁ ଦେଇନାହିଁ। ରିପୋର୍ଟ ଅନୁସାରେ, ଅଗ୍ନିକାଣ୍ଡ ସମୟରେ ଅଗ୍ନିଶମ ବାହିନୀକୁ ଦିନ ୩ଟାରେ ଖବର ମିଳିଥିଲା। ଖବର ପାଇବା ମାତ୍ରେ ୧୪ଟି ଦମକଳ ଗାଡ଼ି ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେମାନେ ଅକ୍ଳାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ ହେଁ ଏଯାଏ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନି। ନିଆଁ ଆୟତ୍ତ ହୋଇ ସାରିଥିବା ବେଳେ ଏବେ କୁଲିଂ ଅପରେସନ ଜାରିଛି। ଏହାପରେ ପୁଲିସ୍ ଓ ଅଗ୍ନିଶମ ବାହିନୀ ମିଳିତ ଭାବେ ଘଟଣାର ତଦନ୍ତ କରିବେ। ଘଟଣା ସ୍ଥଳରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଛନ୍ତି।

## ନୂଆ ପାଠ୍ୟପୁସ୍ତକ ତ୍ରୁଟି

# ବେସରକାରୀ ପ୍ରେସକୁ ଯାଇଚି ୨୧ କୋଟି

**ଭୁବନେଶ୍ୱର:** ପାଠ୍ୟକ୍ରମ ରୂପରେଖ (ଏନ୍‌ସିଏଫ୍) ଅନୁଯାୟୀ ରାଜ୍ୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ବ୍ୟାପକ ପରିବର୍ତ୍ତନ ଆସିଥିବାରୁ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ପୁସ୍ତକ ମୁଦ୍ରଣ କାର୍ଯ୍ୟର ଏକ ଅଂଶ ବେସରକାରି ପ୍ରେସ୍‌କୁ ପ୍ରଦାନ କରାଯାଇଛି । ଏହି ନିଷ୍ପତ୍ତି ସରକାରୀ ଅନୁମୋଦନ ଓ ଆବଶ୍ୟକତାକୁ ଆଧାର କରି ନିଆଯାଇଥିବା ଟେକ୍ସଟ୍ ବୁକ୍ ପ୍ରଡକ୍ସନ୍ ଆଣ୍ଡ ମାର୍କେଟିଂ (ଟିବିପିଏମ୍) ପକ୍ଷରୁ ସ୍ପଷ୍ଟ କରାଯାଇଛି। ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ପଠାଯାଇଥିବା ଏକ ପତ୍ରରେ ଟିବିପିଏମ୍ କହିଛି ଯେ, ୨୧ ମେ ୨୦୨୫ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କମିଟି ବୈଠକରେ ଗ୍ରହୀତ ନିଷ୍ପତ୍ତି ଅନୁସାରେ ୨୦୨୬-୨୭ ଶିକ୍ଷାବର୍ଷରୁ ସଂଶୋଧିତ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏସ୍‌ସିଇଆରଟି) ନୂତନ ପାଠ୍ୟକ୍ରମ ଅନୁଯାୟୀ ୫୫ଟି ପାଠ୍ୟପୁସ୍ତକ ପ୍ରସ୍ତୁତ କରିଛି। ଗତ ଶିକ୍ଷାବର୍ଷରେ ଏହି ସଂଖ୍ୟା ୪୬ ଥିଲା। ଓସେପାର ଆକଳନ ଅନୁଯାୟୀ, ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ମୋଟ ୨ କୋଟି ୯୮ ଲକ୍ଷ ୨୯ ହଜାର ୨୭୩ଟି ପାଠ୍ୟପୁସ୍ତକର ଆବଶ୍ୟକତା ରହିଛି। ତୁଳନାତ୍ମକ ଭାବେ ଗତ ଶିକ୍ଷାବର୍ଷରେ ଏହି ସଂଖ୍ୟା ୨ କୋଟି ୭୦ ଲକ୍ଷ ୮୦ ହଜାର ୮୦୦ ଥିଲା। ଏଥର ପ୍ରସ୍ତୁତ ହୋଇଥିବା ଅଧିକାଂଶ ପୁସ୍ତକରେ ପୃଷ୍ଠା ସଂଖ୍ୟା ବୃଦ୍ଧି ପାଇଥିବା ସହ ବହୁରଙ୍ଗୀୟ ମୁଦ୍ରଣର ଆବଶ୍ୟକତା ମଧ୍ୟ ରହିଛି। ଏପରି ବିପୁଳ ପରିମାଣର ପୁସ୍ତକ ମୁଦ୍ରଣ କାର୍ଯ୍ୟକୁ କେବଳ ଟିବିପିଏମ୍‌ର ନିଜସ୍ୱ ବ୍ୟବସ୍ଥା ମାଧ୍ୟମରେ ସମ୍ପନ୍ନ କରିବା ସମ୍ଭବ ନଥିବାରୁ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଏହାର ଏକ ଅଂଶ ବେସରକାରି ପ୍ରେସ୍‌କୁ ଆଉଟସୋର୍ସ କରାଯାଇଥିବା ଟିବିପିଏମ୍ ସ୍ପଷ୍ଟ କରିଛି। ଏହା ସହିତ ପାଠ୍ୟପୁସ୍ତକ ଆଉଟସୋର୍ସିଂ ବାବଦରେ ୧୬୫ କୋଟି ଟଙ୍କା ବ୍ୟୟ ହୋଇଥିବା ନେଇ ଅଭିଯୋଗପତ୍ରରେ କରାଯାଇଥିବା ଦାବିକୁ ମଧ୍ୟ ଟିବିପିଏମ୍ ଖଣ୍ଡନ କରିଛି। ସଂସ୍ଥାର କହିବା ଅନୁସାରେ, ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଆଉଟସୋର୍ସିଂ ବାବଦରେ ଆନୁମାନିକ ବ୍ୟୟ ପ୍ରାୟ ୨୧ କୋଟି ଟଙ୍କା ହେବ। ତେଣୁ ୧୬୫ କୋଟି ଟଙ୍କା ବ୍ୟୟ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଟିବିପିଏମ୍ ଦର୍ଶାଇଛି।

# ପାରିବାରିକ କଳହର କରୁଣ ପରିଣତି ; ସ୍ତ୍ରୀ ମୃତ

## ବଞ୍ଚାଇବାକୁ ଯାଇ ସ୍ୱାମୀ ୫୦ ପ୍ରତିଶତ ପୋଡ଼ି ଗୁରୁତର

**ବେଗୁନିଆପଡା :** ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ମଥୁରା ଗାଁରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହେତୁ ଗତକାଲି ବିଳମ୍ବିତ ରାତିରେ ସ୍ତ୍ରୀଙ୍କର ପୋଡ଼ି ହୋଇ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ମଧ୍ୟ ଗୁରୁତର ଭାବେ ପୋଡ଼ି ହୋଇଯାଇଛନ୍ତି। ତେବେ ଏହି ଘଟଣାରେ ଏବେ ଏକ ନୂଆ ମୋଡ଼ ଆସିଛି, ଯେଉଁଠି ଝିଅ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ମିଳିଥିବା ସୂଚନା ମୁତାବକ, ମଥୁରା ଗ୍ରାମର ରମେଶ ପ୍ରଧାନ ଓ ଅନିତା ପ୍ରଧାନଙ୍କ ମଧ୍ୟରେ ଗତ ୨ ବର୍ଷ ତଳେ ବିବାହ ହୋଇଥିଲା। ତେବେ ବିବାହ ଦିନଠାରୁ ହିଁ ଉଭୟଙ୍କ ଦାମ୍ପତ୍ୟ ଜୀବନରେ ପ୍ରତିଦିନ କଳହ ଲାଗି ରହୁଥିଲା। ଗତକାଲି ବିଳମ୍ବିତ ରାତିରେ ମଧ୍ୟ କୌଣସି କାରଣକୁ ନେଇ ଦମ୍ପତିଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ଓ ଝଗଡ଼ା ହୋଇଥିଲା। ପ୍ରାଥମିକ ସୂଚନା ଅନୁଯାୟୀ, ସ୍ତ୍ରୀ ନିଜ ଶରୀରରେ ପେଟ୍ରୋଲ ଢାଳି ଆତ୍ମହତ୍ୟା କରୁଥିବା ବେଳେ ନିଶାଶକ୍ତ ସ୍ୱାମୀ ତାଙ୍କୁ ଉଦ୍ଧାର କରିବାକୁ ଯାଇ ପୋଡ଼ି ହୋଇଯାଇଥିବା କୁହାଯାଉଥିଲା। ମାତ୍ର ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି ମୃତ ଅନିତାଙ୍କ ପରିବାର ଲୋକେ। ଝିଅ ଘର ଲୋକେ ଅଭିଯୋଗ କରିଛନ୍ତି ଯେ, ସ୍ୱାମୀ ରମେଶ ପ୍ରଧାନ ହିଁ ଅନିତାଙ୍କ ଶରୀରରେ ପେଟ୍ରୋଲ ଢାଳି ତାଙ୍କୁ ଜୀବନ୍ତ ମାରିଦେଇଛନ୍ତି। ଏ ନେଇ ଝିଅ ପରିବାର ପକ୍ଷରୁ ଖଲ୍ଲିକୋଟ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଘଟଣାସ୍ଥଳରେ ହିଁ ସ୍ତ୍ରୀ ଅନିତା ପ୍ରଧାନଙ୍କର ସମ୍ପୂର୍ଣ୍ଣ ପୋଡ଼ି ହୋଇ ମୃତ୍ୟୁ ଘଟିଛି। ସ୍ତ୍ରୀଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିବା ସ୍ୱାମୀ ରମେଶ ପ୍ରଧାନଙ୍କ ଶରୀର ମଧ୍ୟ ପ୍ରାୟ ୫୦% ପୋଡ଼ି ଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ପ୍ରଥମେ ବ୍ରହ୍ମପୁର ଏମକେଏସଜି ଭର୍ତ୍ତି କରାଇଥିଲା ବର୍ତ୍ତମାନ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖଲ୍ଲିକୋଟ ଥାନା ପୋଲିସ ଝିଅ ଘର ଲୋକଙ୍କ ଅଭିଯୋଗକୁ ଆଧାର କରି ମୃତଦେହ ଜବତ କରିବା ସହ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ ପ୍ରକ୍ରିୟାକୁ ଆରମ୍ଭ କରିଛି।

# ବଜ୍ରପାତର ତାଣ୍ଡବ : ୩ ମୃତ, ୫ ଗୁରୁତର ଆହତ

**ଦେବଗଡ:** ଦେବଗଡରେ ପୃଥକ ସ୍ଥାନରେ ବଜ୍ରପାତ ଘଟି ୩ ଜଣଙ୍କ ମୃତ୍ୟୁ ଘଟିଛି। ଚଳନ୍ତା ବାଇକ୍ ଉପରେ ବଜ୍ରପାତ ହେବାରୁ ବାଇକ ସହ ୨ ଜଣ ବାଇକ ଆରୋହୀ ଜଳିଯାଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଦେବଗଡ଼ ବାରକୋଟ ବ୍ଲକ କାଉଁସିବାହାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭାଟସିଂହ ଗ୍ରାମ ନିକଟରେ । ଘଟଣାରେ ଆଉ ୪ ଜଣ ଆହତ ହୋଇଥିବା ନେଇ ମଧ୍ୟ ଜଣାପଡ଼ିଛି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୋମବାର ସନ୍ଧ୍ୟାରେ ବସାଲଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଟାସାହି ଓ ପିଟାସାହି ଗ୍ରାମର ଛଅ ଜଣ ଯୁବକ ତିନୋଟି ମଟରସାଇକଲ ଯୋଗେ ରେଙ୍ଗାଳୀ ଡ୍ୟାମ ଭିତରେ ରହିଥିବା ବନାକାଲୋ ଗ୍ରାମ ଶିବ ମନ୍ଦିରକୁ ବୁଲିବାକୁ ଯାଇଥିଲେ। ବାରକୋଟ ବ୍ଲକ କାଉଁସିବାହାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭାଟସିଂହ ଗ୍ରାମ ନିକଟରେ ସେମାନଙ୍କ ବାଇକ ଉପରେ ବଜ୍ରପାତ ହୋଇଥିଲା। ଏଥିରେ ମୋଟର ସାଇକେଲ ସହ ୨ ଯୁବକ ଜଳିଯାଇଥିଲେ। ଆଉ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା। ସେହିଭଳି ଅନ୍ୟ ଚାରି ବାଇକ ଆରୋହୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତ ଦୁଇଜଣ ହେଲେ ବସାଲଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଟାସାହି ଗ୍ରାମର ବୁବୁନ ସାମଲ ଓ ପିଟାସାହି ଗ୍ରାମର ଡୋଳାମଣୀ ପେଣ୍ଟେଇ। ସେହିଭଳି ଦେବଗଡ଼ ସହର ନଅ ନମ୍ବର ୱାର୍ଡ ଅନ୍ତର୍ଗତ ତେନ୍ତୁଳିସାହିରେ ବଜ୍ରାଘାତରେ ଜଣଙ୍କ ମୃତ୍ୟୁ ଘଟିଛି।

## ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ଜିରୋ କାଜୁଆଲ୍‌ଟି' ଆମର ସଙ୍କଳ୍ପ

## ୯୧୧ ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ ପାଇ ମିଳିବ ୬ ଲକ୍ଷ



**ଭୁବନେଶ୍ୱର:** ରାଜ୍ୟରେ ଆଗାମୀ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଓ ପ୍ରାକ୍-ପ୍ରସ୍ତୁତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ 'ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ-୨୦୨୬' ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଏକ ସମ୍ପୂର୍ଣ୍ଣ 'ଫୁଲ୍ ପ୍ରୁଫ୍' ବ୍ୟବସ୍ଥା ବିକଶିତ କରିଛି। ଏହି ଫୁଲ୍ ପ୍ରୁଫ୍ ବ୍ୟବସ୍ଥାକୁ ବଜାୟ ରଖିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ 'ଏଲ୍ ନିନୋ' ପ୍ରଭାବ ଯୋଗୁଁ କମ୍ ବୃଷ୍ଟିପାତ ହେବାର ଆଶଙ୍କା ଥିବାରୁ ଖରିଫ ଫସଲ ଯେପରି ପ୍ରଭାବିତ ନହେବ, ସେଥିପାଇଁ କୃଷି, ଜଳସେଚନ ଓ ଅନ୍ୟ ସମ୍ପୃକ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି 'ହୋଲଅଫ ଗଭର୍ଣ୍ଣମେଣ୍ଟ' ଆଭିମୁଖ୍ୟରେ କାମ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୃଷି ବିଭାଗକୁ ସ୍ୱତନ୍ତ୍ର 'କଣ୍ଟିଜେନ୍ସି ପ୍ଲାନ' ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏକ ରାଜ୍ୟସ୍ତରୀୟ ମନିଟରିଂ ମେକାନିଜିମ୍ ଜରିଆରେ ବୃଷ୍ଟିପାତ, ଜଳସ୍ତର, କ୍ରପ-ପ୍ଲାନିଙ୍ଗ୍ ଏବଂ ସାର ଓ ବିହନ ଯୋଗାଣର ନିୟମିତ ତଦାରଖ କରାଯାଉଛି। ଚଳିତ ବର୍ଷ ମଧ୍ୟପ୍ରାଚ୍ୟରେ ଅଶାନ୍ତ ପରିବେଶ ଯୋଗୁଁ ବିଶ୍ୱବ୍ୟାପୀ ସାର ସଙ୍କଟ ଦେଖାଦେଇପାରେ, ତେଣୁ ୟୁରିଆ ଓ କମ୍ପ୍ଲେକ୍ସ ସାର ଯୋଗାଣ ଉପରେ ତୀକ୍ଷଣ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ପର୍ଯ୍ୟାପ୍ତ 'ନାନୋ ୟୁରିଆ' ମହଜୁଦ ରଖିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ବିଶେଷ କରି ସାରର କଳାବଜାରୀ ରୋକିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ 'ନିରକ୍ଷଣ ସମିତି' ଗଠନ କରାଯାଇଛି । ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଦକ୍ଷ ବିପର୍ଯ୍ୟୟ ପରିଚାଳନା ଉପରେ ଆଲୋକପାତ କରିଛନ୍ତି। ଓଡ଼ିଶାର ଏହି ସଫଳ 'ଜିରୋ କାଜୁଆଲ୍‌ଟି' (ଶୂନ୍ୟ ମୃତ୍ୟୁହାର) ନୀତି ଆଜି ବିଶ୍ୱବ୍ୟାପୀ ଆଦୃତ ହୋଇଛି। ନିକଟରେ ପୁରୀଠାରେ ଅନୁଷ୍ଠିତ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ବୈଷୟିକ ବୈଠକରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ରାଜ୍ୟର ଏହି ଦୀର୍ଘକାଳୀନ ବିପର୍ଯ୍ୟୟ ପ୍ରଶମନ ଓ ନିରାକରଣ ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିଛନ୍ତି ବୋଲି ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ଭିତ୍ତିଭୂମି ପ୍ରସ୍ତୁତି କ୍ରମରେ ରାଜ୍ୟରେ ଥିବା ୯୧୧ଟି ବହୁମୁଖୀ ଆଶ୍ରୟସ୍ଥଳୀର ବାର୍ଷିକ ରକ୍ଷଣାବେକ୍ଷଣ ପାଇଁ ଆଶ୍ରୟସ୍ଥଳୀ ପିଛା ୬ ଲକ୍ଷ ଟଙ୍କା ଲେଖାଏଁ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି, ଯେଉଁଠାରେ ପାନୀୟ ଜଳ, ଆଲୋକ ଓ ରନ୍ଧାଖାଦ୍ୟର ବ୍ୟବସ୍ଥା ପ୍ରାକ୍-ପ୍ରସ୍ତୁତି ସମୟରେ ହିଁ ସୁନିଶ୍ଚିତ କରାଯିବ।

# ଗ୍ୟାସ୍ ଟ୍ରାଜେଡି, ଓଡ଼ିଆ ମୃତକଙ୍କ ପରିବାରକୁ ୪ ଲକ୍ଷ ସହାୟତା

ତାମିଲନାଡୁର ତିରୁଭଲ୍ଲୁରଠାରେ ଆମୋନିଆ ଗ୍ୟାସ୍ ଲିକ୍ ଟ୍ରାଜେଡି। ଦୁର୍ଘଟଣାରେ ୭ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଓଡ଼ିଶାରୁ ୪ଜଣ ପ୍ରାଣ ହରାଇଛନ୍ତି। ସମସ୍ତ ମୃତକଙ୍କ ପରିବାରବର୍ଗଙ୍କୁ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ପ୍ରତ୍ୟେକ ମୃତ ଶ୍ରମିକଙ୍କ ପରିବାରକୁ ଉଜଜରରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି। ସୂଚନାଯୋଗ୍ୟ ଯେ, ଦୁର୍ଘଟଣାଗ୍ରସ୍ତ ଶ୍ରମିକମାନଙ୍କ ସହାୟତା ପାଇଁ ଓଡ଼ିଶା ସରକାର ନିରନ୍ତର ତାମିଲନାଡୁ ପ୍ରଶାସନ ସହ ଯୋଗାଯୋଗରେ ଅଛନ୍ତି। ରବିବାର ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତାମିଲନାଡୁର ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିଥିଲେ। ଆହତ ଓଡ଼ିଆ ଶ୍ରମିକମାନେ ଯେଭଳି ଉପଯୁକ୍ତ ଚିକିତ୍ସା ହୋଇପାରିବ ଏବଂ ଅନ୍ୟାନ୍ୟ ସହାୟତା ଠିକ୍ ଭାବରେ ମିଳିପାରିବ, ସେ ବିଷୟରେ ଆଲୋଚନା କରିଥଲେ ।

## ରଥ ନିର୍ମାଣର ୬୩ ତମ ଦିବସ

# ତିନିରଥର ୧୨ ଟି ଲେଖାଁଏ କଣି ଫାଉଡା ନିର୍ମାଣ ଶେଷ

- ଗୁଜ ଜଏଣ୍ଟ ଗୁଡିକରେ ଏଲ କ୍ଲାମ୍ପ ଫିଟିଂଗ କାର୍ଯ୍ୟ ଜାରି
- ୨୨୭ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ



**ପୁରୀ:** ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୧୬ ତାରିଖ।ଏଥିପାଇଁ ଚଳଚଞ୍ଚଳ ରଥଖଳା। ରଥଖଳାରେ ଦ୍ରୁତ ଗତିରେ ଆଗେଇ ଚାଲିଛି ତିନିରଥ ନିର୍ମାଣ କାର୍ଯ୍ୟ । ସୋମବାର ରଥ ନିର୍ମାଣର ୬୩ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ସୋମବାର ତିନିରଥର ୧୨ ଟି କଣି ଫାଉଡା ନିର୍ମାଣ ଶେଷ ହୋଇଛି । ରବିବାର ସୁଦ୍ଧା ତିନିରଥର ଦୁଆର ବେଢ଼ା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସହ ରଥ ଉପରେ ପଟା ବାଡ଼ିଆ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିଲା ।ତିନିରଥର ଚାରି ଗୋଟି ଲେଖାଏଁ ୧୨ ଗୋଟି ଦୁଆର ବେଢ଼ା ରୁ ଗତକାଲି ସୁଦ୍ଧା ତିନିରଥର ଦୁଇଟି ଲେଖାଏଁ ଦୁଆର ବେଢ଼ା ନିର୍ମାଣ ଶେଷ ହୋଇଥିଲା। ଆଜି ଆଉ ଦୁଇଟି ଲେଖାଏଁ ଦୁଆର ବେଢ଼ା ନିର୍ମାଣ ଶେଷ ହୋଇଛି। ତିନିରଥର ୧୨ ଟି ଲେଖାଏଁ କଣି ଫାଉଡା ନିର୍ମାଣ ଶେଷ ହୋଇଛି। ଏହି କଣି ଫାଉଡା ତିନିରଥ ଭୂଇଁ ର ଛ ' କାଠି କୋଣ ମାନଙ୍କରେ ସେଟିଙ୍ଗ ହୋଇ ଏହାର ଚାରି ପାର୍ଶ୍ୱରେ ବତା ବା ପତଳା କାଠ ବଟନ୍ ପକାଜିବ, ରଥରେ କନା ପଡ଼ିଲା ବେଳେ ରଥର ଗୋଲାକାର ସେପ୍ ଆସିବା ସହ ରଥ କନା ଚିରି ନଥାଏ । ତିନିରଥର ଚାରି କୋଣ ମାନଙ୍କୁ ଛାଡି ବେଦୀ ଚାରିପଟେ ପାରୁସ ପଟା ବାଡ଼ିଆ କାର୍ଯ୍ୟ ଶେଷ ହୋଇଛି। ତିନି ରଥକୁ ଦୁଆର ବେଢ଼ା ଉଠିଲା ପରେ, ଖାଲି ଥିବା ଏହି କୋଣ ଗୁଡିକରେ ପଟା ପଡିବା କାର୍ଯ୍ୟ ସମ୍ପନ୍ନ ହେବ। ଖପୁରୀ ସମେତ ପାରାଭାଡ଼ି କୁ ମିଶାଇ ବାକି ୧୨ ପରାସ୍ତ ପୋଟଳ ରଥ ଉପରକୁ ଉଠିବା କାର୍ଯ୍ୟ। ତିନିରଥର ୪ ଟି ଲେଖାଏଁ ଦୁଆର ବେଢ଼ା ରଥ ଉପରକୁ ଉଠିବା କାର୍ଯ୍ୟ। ତିନିରଥ କୁ ବଡ଼ କଳସ ଉଠି,ସେଥିରେ ଓଲଟ ଶୁଆ ଦ୍ୱୟ ଙ୍କ ସଂସ୍ଥାପନ କାର୍ଯ୍ୟ। ତିନି ରଥର ବେଦୀ ସିଂହାସନ ପ୍ରସ୍ତୁତି ପାଇଁ ରଥ ଚାରି ନାହାକା ଆଗ ପଛ ଢ଼ମକରେ ୫ ଗୋଟି ଲେଖାଏଁ ୨୦ ଫୁଟିଆ ଜଗତପୃଷ୍ଠ ସେଣୀ ପଡ଼ି ବେଦୀ ପଟା ପଡ଼ି ବେଦୀ ସିଂହାସନ ପ୍ରସ୍ତୁତ ହେବ। ତିନିରଥର ପ୍ରଭା ଫ୍ରେମ୍ ପ୍ରସ୍ତୁତ କାର୍ଯ୍ୟ। ସହ ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ। ଘୋଡ଼ା, ସାରଥୀ ଙ୍କ ମରାମତି ତଥା ରଙ୍ଗ କାର୍ଯ୍ୟ। କନକ ମୁଣ୍ଡି ରେ ପିତଳ ଚଦର ଆବରଣ ଫିଟିଂଗ କାର୍ଯ୍ୟ ।ତିନିରଥର କନା ପଡ଼ିବା କାର୍ଯ୍ୟ ବିଜେ ଚକା ନିର୍ମାଣ କାର୍ଯ୍ୟ ସବୁ ରହିଛି। ରୂପକାର ସେବକ ମାନେ ତିନି ରଥର ୧୨ ଟି ନାଟ ଗୋଡ଼ରେ ରୂପ ଖୋଦେଇ ଶେଷ କରି ବାକି ୧୨ ଗୋଟି ନାଟ ଗୋଡ଼ରେ ରୂପ ଖୋଦେଇ ଜାରୀ ରଖିବାସହ ରୂପ ଖୋଦେଇ ଶେଷ ହୋଇଥିବା କନ୍ଦର୍ପ ରୂପ ଗୁଡ଼ିକର ପଲିସ୍ କାର୍ଯ୍ୟ ସହ ରୂପ ଗୁଡିକରେ ଅଳଙ୍କାର ପକା କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା ସେବକ ମାନେ ତିନିରଥର ଧୂଳି ଦଣ୍ଡା ପାଇଁ ଅଗ ପାତେଳୀ ଚଉରସ କଣ୍ଟା ଏବଂ ଓଲଟ ଶୁଆ ପାଇଁ ନରାଜ କଣ୍ଟା ନିର୍ମାଣ ଶେଷ କରି ତିନିରଥର ଘୋଡ଼ା, ସାରଥୀ ବାଗିଆ କଣ୍ଟା ଜଏଣ୍ଟ ସ୍ଥାନ ରେ ମରାମତି କାର୍ଯ୍ୟ ପାଇଁ ନିର୍ମାଣ ସହ ରଥ ଚକ୍ ସୁରକ୍ଷା ପାଇଁ ଲୁହା ପ୍ଲେଟ୍ ଫିଟିଂଗ କାର୍ଯ୍ୟ ସହ ତିନିରଥର ଦଣ୍ଡା ରେ ଗୁଜ ଜଏଣ୍ଟ ଗୁଡିକରେ ଏଲ କ୍ଲାମ୍ପ ଫିଟିଂଗ କାର୍ଯ୍ୟ ଜାରୀ ରଖିଛନ୍ତି। ଚିତ୍ରକାର ସେବକ ମାନେ ତିନିରଥର ନାଟ ଗୋଡ଼ର ଖୋଦେଇ ରୂପରେ ରଙ୍ଗ କାର୍ଯ୍ୟ ସହ ପାର୍ଶ୍ୱ ଦେବ ଦେବୀ ମୂର୍ତ୍ତି,ହଂସ ପଟା,କନ୍ୟା ପଟା, ଶିଖର ଡମ୍ବରୁ, ଓଲଟ ଶୁଆ, ସହ ରଥ ବାହ୍ୟ ଅଂଶ ଗୁଡ଼ିକରେ ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣା ମାନେ ସ୍ନାନଯାତ୍ରା ପାଇଁ ସ୍ନାନ ମଣ୍ଡପ ଉପରେ ରୁନ୍ଧା କାର୍ଯ୍ୟ ପାଇଁ ଅଞ୍ଜନା କାଠି ପ୍ରସ୍ତୁତ ଶେଷ କରି ରଥ ଯାତ୍ରା ରେ ମହାପ୍ରଭୁଙ୍କ ସେବା ପୂଜା ନିମନ୍ତେ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି। ତିନିରଥ ର ମହାରଣା ସେବକ ୭୮ ଜଣ, ଭୋଇ ସେବକ ୭୪ଜଣ ,ରୂପକାର ସେବକ ୨୧ଜଣ , କରତୀ ସେବକ ୪ଜଣ, ଓଝା କମାର ସେବକ ୨୦ଜଣ,ତୁମ୍ବ ବିନ୍ଧ କାରୀଗର ୨ଜଣ ,ପାହି ମହାରଣା ୨ଜଣ ,ଚିତ୍ରକାର ୨୫ଜଣ, ରଥଖଳା ସହାୟକ ୧ଜଣ ମୋଟ - ୨୨୭ ଜଣ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି ।

# ବଢ଼ିଲା ଆଇନଜୀବୀଙ୍କ ସହାୟତା ରାଶି



**ଭୁବନେଶ୍ୱର:** ରାଜ୍ୟରେ କାର୍ଯ୍ୟରତ ଆଇନଜୀବୀମାନଙ୍କ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟ କଲ୍ୟାଣ ପାଣ୍ଠିରୁ ଅବସର ଗ୍ରହଣ କିମ୍ବା ଦେହାନ୍ତ କ୍ଷେତ୍ରରେ ଆଇନଜୀବୀ ଏବଂ ସେମାନଙ୍କ ପରିବାରକୁ ମିଳୁଥିବା ସହାୟତା ରାଶିର ପରିମାଣକୁ ୪୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏହି ନିଷ୍ପତ୍ତି ଫଳରେ ରାଜ୍ୟର ବିଭିନ୍ନ ଅଦାଲତରେ କାର୍ଯ୍ୟରତ ହଜାର ହଜାର ଆଇନଜୀବୀ ଓ ସେମାନଙ୍କ ପରିବାର ଉପକୃତ ହେବେ। ଉଲ୍ଲେଖଯୋଗ୍ୟ ଯେ, ଶେଷଥର ପାଇଁ ୨୦୨୧ ମସିହାରେ ଏହି ସହାୟତା ରାଶି ବୃଦ୍ଧି କରାଯାଇଥିଲା। ନୂତନ ବ୍ୟବସ୍ଥା ଅନୁଯାୟୀ, ପାଞ୍ଚ ବର୍ଷ କିମ୍ବା ତା'ଠାରୁ କମ୍ ସମୟ ଧରି କାର୍ଯ୍ୟରତ ଥିବା ଆଇନଜୀବୀଙ୍କ ଦେହାନ୍ତ ହେଲେ ତାଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ୧ ଲକ୍ଷ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ। ଏହା ପରେ ପ୍ରତ୍ୟେକ ଅତିରିକ୍ତ ବର୍ଷର କାର୍ଯ୍ୟାନୁଭବ ସହ ସହାୟତା ରାଶିର ପରିମାଣ ବୃଦ୍ଧି ପାଇବ। ସେହିପରି, ୩୦ ବର୍ଷ କାର୍ଯ୍ୟରତ ଥିବା ଆଇନଜୀବୀ ଅବସର ଗ୍ରହଣ କଲେ କିମ୍ବା ଦେହାନ୍ତ ଘଟିଲେ ତାଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ସର୍ବାଧିକ ୬ ଲକ୍ଷ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ।ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ଆଇନଜୀବୀ ସମାଜ ସ୍ୱାଗତ କରିଥିବା ବେଳେ ଏହା ଆଇନଜୀବୀମାନଙ୍କ ସାମାଜିକ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ ବୋଲି ମତ ପ୍ରକାଶ ପାଇଛି।

ସମ୍ପାଦକୀୟ

# ଦେଶରୁ ବିଦାହେବେ ବିଦେଶୀ !

ବିଶ୍ୱର ପ୍ରତ୍ୟକ ଯେ କୌଣସି ବି ଦେଶ ହେଉ ନା କାହିଁକି... ସେହି ଦେଶରେ ବାହାର ଦେଶର ନାଗରିକ ବି ଥାଇପାରନ୍ତି । କିଏ ସ୍ଥାୟୀ ନାଗରିକ ଭାବରେ ହେଉ ଅବା ଅନ୍ୟ କିଛି ବି ଉଦ୍ଦେଶ୍ୟ ହେଉ ଯେପରି ଆଉ କ'ଣ ହୋଇପାରେ । କେବଳ ଗୋଟିଏ ମାତ୍ର ଉଦ୍ଦେଶ୍ୟ, ତାହା ହେଉଛି ଜୀବନ ଜୀବିକା ସମ୍ବନ୍ଧୀୟ ଉଦ୍ଦେଶ୍ୟ । କୌଣସି ବି ଦେଶରେ କେହି ବି ଯାଇ ଚାକିରି ବାକିରି କରିପାରିବେ ଅବା କୌଣସି ବାଣିଜ୍ୟ ବ୍ୟବସାୟ ବି କରିପାରିବେ । ଯାହା ଏକ ଦୀର୍ଘସ୍ଥାୟୀ ପ୍ରକ୍ରିୟା ବି ହୋଇପାରେ । ଏଣୁ ସେହି ସମୟ ଭିତରେ କେହି ବି ସଂପୃକ୍ତ ଦେଶର ନାଗରିକତା ନେଇପାରେ ଅବା ନେଇ ନପାରେ ..ତାହା ତ ଭିନ୍ନ କଥା । ତେବେ ସଂପୃକ୍ତ ଦେଶର ନାଗରିକତା ଗ୍ରହଣ କରିବା କିନ୍ତୁ ଏକ କାଠିକର, ଅତି କଷ୍ଟକର ବ୍ୟାପାର । ଏହା ଏକ ସାଧାରଣ କଥା ଯେ କେହି ବି କୌଣସି ଦେଶକୁ ଯାଇପାରିବେ କିନ୍ତୁ ସେହି ଦେଶର ନାଗରିକତା କିନ୍ତୁ କେବେ ବି ଗ୍ରହଣ କରିପାରିବେ ନାହିଁ । କହିବାର ଅର୍ଥ ହେଲା,କୌଣସି ବି ଉଦ୍ଦେଶ୍ୟ ନେଇ ଆମେ ବିଦେଶକୁ ଯାଇପାରୁ ହେଲେ ଆମ ଇଚ୍ଛାରେ କିନ୍ତୁ ଆମେ ସେହି ଦେଶର ନାଗରିକତା ଗ୍ରହଣ କରିନପାରୁ । ସେଥିପାଇଁ କିଛି ସ୍ୱତନ୍ତ୍ର ଗାଇଡ୍ ଲାଇନ୍ ରହିଛି ଯାହାକୁ ଅନୁସରଣ କରିବା ବାଧ୍ୟତାମୂଳକ । ହେଲେ ଯେଉଁମାନେ ଅନୁପ୍ରବେଶକାରୀ ସେମାନଙ୍କ ପାଇଁ କିନ୍ତୁ ନିୟମ କାନୁନ୍ କ'ଣ । ସେମାନେ କିଛି ବି ନିୟମ କାନୁନ୍ ଜାଣନ୍ତି ନାହିଁ । ଅଥବା ସେମାନେ କିଛି ବି ଜାଣିବାକୁ ଚାହାଁନ୍ତି ନାହିଁ । ସେଥିପାଇଁ ତ ସେମାନେ ଅନୁପ୍ରବେଶକାରୀ । କାରଣ ଅନୁପ୍ରବେଶ ପଛରେ ସେଭଳି କିଛି ଭଲ ଉଦ୍ଦେଶ୍ୟ ନଥାଏ । ଯାହା ଯେମିତି କରି ଚଳିଯିବା । ଦରକାର ପଡ଼ିଲେ ଖୁନ୍ ଖରାବା ଆଦି ଯାହା ବି ହୋଇପାରେ । ଦ୍ୱିତୀୟରେ ଅନ୍ୟ ଦେଶରେ କିଛିଦିନ ରହିଗଲା ପରେ ଧୀରେ ଧୀରେ ସେଠାରେ ଅନୈତିକ ଏବଂ ଅଯଥା ବଂଶବୃଦ୍ଧି କରିବା । ପରେ ଆଉ କିଛି କହିବା କିମ୍ବା ଲେଖିବାର ଆବଶ୍ୟକତା ନାହିଁ । ଯାହାର ପରବର୍ତ୍ତୀ ପରିଣାମ ଯେ ଅପ୍ରୀତିକର ଏବଂ ଅସନ୍ତୋଷଜନକ, ଏଥିସ୍ତୁ ସ୍ପଷ୍ଟ ଅନୁମେୟ । କଥା କେବଳ ଅପ୍ରୀତିକର ଏବଂ ଅସନ୍ତୋଷରେ ସୀମିତ ହୋଇ ରହେନାହିଁ । କଥା ଚାଲିଯାଏ ଖୁନ୍ ଖରାବା ଆଡ଼େ, କଥା ଚାଲିଯାଏ ଚୋରି ଡକାୟତି ଆଡ଼େ ,; ତା' ଭିତରେ ଆଉ କେତେ କ'ଣ ଯେ ହୋଇଯଏ, ତା'ର କିଛି ହିସାବ ନାହିଁ । ଆମେ କିଛି ସରଳ ଭାଷାରେ କହିଲେ ବୁଝିବା ଭାରତରେ ରହୁଥିବା ବିଦେଶୀ ନାଗରିକଙ୍କ କଥା ଯେଉଁମାନେ ଅନୈତିକ ଭାବରେ ଏବଂ ଅବୈଧ ଭାବରେ ଅନ୍ୟ ଦେଶରୁ ଆସି ଭାରତରେ ରହୁଛନ୍ତି । ସେମାନେ ହେଲେ ଭାରତରେ ରହୁଥିବା ବିଦେଶୀ । ବିଦେଶୀ ଏମିତି ବହୁତ ରହୁଛନ୍ତି ଭାରତରେ । ବିଶ୍ୱର ବିଭିନ୍ନ ଦେଶରୁ ଏବଂ ବିଭିନ୍ନ ପ୍ରାନ୍ତରୁ । ସେମାନଙ୍କ ଭାରତରେ ରହିବା ପଛରେ ରହିଛି ଭିନ୍ନ ଭିନ୍ନ ଉଦ୍ଦେଶ୍ୟ । କିଛି ରାଜନୈତିକ, କିଛି ବ୍ୟବସାୟିକ ଅବା କିଛି ବୃତ୍ତିଗତ । ଏ ସବୁକୁ ଆମେ ବୈଧ କହିପାରୁ । ହେଲେ ଭାରତରେ ଅନେକ ବାଂଲାଦେଶୀ ବିଦେଶୀ ରହିଛନ୍ତି । ରିପୋର୍ଟ ଯାହା କହୁଛି ଭାରତ ବର୍ଷରେ ପ୍ରାୟ ଦୁଇଲକ୍ଷ ବାଂଲାଦେଶୀ ରହୁଛନ୍ତି ଯେଉଁମାନେ ଅନୁପ୍ରବେଶକାରୀ ଏଣୁ ସେମାନେ ଅବୈଧ । ଏବେ ସେମାନେ ଆମ ଭାରତବର୍ଷ ପାଇଁ ବିପଦର କାରଣ । ଭାରତରେ ଅବୈଧ ଭାବରେ ବି ଏମିତି ଅନେକ ମୁସଲମାନ ମଧ୍ୟ ଏବେ ବି ରହୁଛନ୍ତି । ଯେଉଁମାନଙ୍କର ସିଧାସଳଖ ପାକିସ୍ତାନ ଅବା ବାଂଲାଦେଶୀ ଲିଙ୍କ୍ ରହିଛି । ଏପରିକି ଆରବିକ୍ , ଲିଙ୍କ୍ ମଧ୍ୟ ରହିଛି ସେମାନେ ବି ଭାରତ ପାଇଁ ବିପଦଜନକ । ଯେଉଁଥିପାଇଁ ଭାରତରେ ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି ଜନସଂଖ୍ୟା । ଯାହର ପରିଣାମ ଭାରତରେ ସେମାନଙ୍କ ଅଯଥା ଏବଂ ଅବୈଧ ଉପସ୍ଥିତି କାରଣରୁ ଦେଶରେ ଅନେକ ସମୟରେ ବେରୋଜଗାରୀ, ବେକାରୀ ଏବଂ ଚୋରି ରାହାଜାନୀ ଭଳି ସମସ୍ୟା ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି ଦେଶରେ । ଭାରତରେ ଯେଉଁଠି ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ବାଂଲାଦେଶୀଙ୍କ କୁପ୍ରଭାବ ଜାରି ରହିଛି, ସେପଟେ କାଶ୍ମୀରରେ ଦୀର୍ଘ ବର୍ଷରୁ ଚାଲି ଆସିଛି ମୁସଲମାନଙ୍କ ଆତଙ୍କରାଜ । ଏବେ କେନ୍ଦ୍ର ସରକାର କାଶ୍ମୀରରୁ ଉଗ୍ରବାଦ ଦମନ ନେଇ କଠୋର ରଣନୀତି ଆପଣାଇଛନ୍ତି ଏବଂ ବଙ୍ଗରୁ ବାଂଲାଦେଶୀଙ୍କୁ ବିଦା କରିବା ପାଇଁ ସେପଟେ ଶୁଭେନ୍ଦୁ ସରକାର ମଧ୍ୟ ନେଇ ସାରିଲେଣି କଠୋର ପଦକ୍ଷେପ । ଏହାପରେ ବୋଧହୁଏ ଆମ ରାଜ୍ୟ ସରକାର ଏ ଦିଗରେ ନେବେ କିଛି କଠୋର ପଦକ୍ଷେପ ।

## ପରିଣାମ

ପରୀକ୍ଷାର ଫଳାଫଳ ପ୍ରକାଶ ପାଇଗଲା । କିଏ ପାସ୍ ହେଲା ତ କିଏ ଫେଲ୍ । ଜିତିବାବାଲା ତ ଜିତିଲେ, ହେଲେ ହାରିବାବଲା କିନ୍ତୁ ବିଗିଡ଼ିଗଲେ । ଫେଲ୍ ହୋଇଥିବା ପିଲାମାନଙ୍କୁ ସମସ୍ତେ ଚିଡ଼ାଇଲେ । ଗାଁ ସ୍କୁଲ୍‌ରେ ପଢୁଥିଲେ ରାମ ଓ ଦାମ । ସେହି ସ୍କୁଲ୍ ରେ ବି ପଢୁଥିଲେ ରାନୀ ଏବଂ ମାନୀ । ଦଶମ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇଲା । ସ୍କୁଲ୍ ର ପ୍ରାୟ ସମସ୍ତ ପିଲା ପାସ୍ ହୋଇଗଲେ । ହେଲେ ଦୁର୍ଭାଗ୍ୟବଶତଃ ଦାମ ଏବଂ ମାନୀ ଫେଲ୍ ହୋଇଗଲେ । ଅନ୍ୟମାନେ ସେମାନଙ୍କୁ ପରିହାସ କଲେ । ସେମାନେ ତ ଠିକ୍ ଭାବରେ ପଢ଼ାପଢ଼ି କରୁଥିଲେ । ତଥାପି ସେମାନେ କିନ୍ତୁ ଫେଲ୍ ହୋଇଗଲେ । କାରଣ କେଉଁଠି ନା କେଉଁଠି ତ୍ରୁଟି ରହିଗଲା । ଯେ ପାଇଁ ସେମାନେ ଫେଲ୍ ହୋଇଗଲେ । ତ୍ରୁଟି କ'ଣ ହୋଇପାରେ । ପଢ଼ାପଢ଼ିରେ କେବଳ ତ୍ରୁଟି ହୋଇପାରେ । ଏହା ତ ସାଧାରଣ କଥା । ସେମାନେ ପଢ଼ାପଢ଼ିରେ ଭଲ ଥିଲେ, ତେବେ ଶେଷ ମୁହୂର୍ତ୍ତରେ ସେମାନଙ୍କ ପଢ଼ାପଢ଼ିରେ ନିଶ୍ଚିତରୂପେ କିଛି ନା କିଛି ତ୍ରୁଟି ରହିଗଲା । ଅବହେଳା ରହିଗଲା । ଯେଉଁଥିପାଇଁ ସେମାନେ ଫେଲ୍ ହୋଇଗଲେ । ଘରେ ବାହାରେ ସବୁଆଡେ ସେମାନଙ୍କୁ ଶୁଣିବାକୁ ପଡ଼ିଲା । କେତେବେଳେ ସେମାନେ ଘରେ ଶୁଣିଲେ ତ କେତେବେଳେ ସେମାନେ ଘର ବାହାରେ ବି ଶୁଣିଲେ । ସବୁଆଡୁ ଶୁଣାଶୁଣି କରି ସେମାନେ ଶେଷରେ ଥକି ପଡ଼ିଲେ । ଭାରି ମନ ଦୁଃଖରେ ସେମାନେ ଏପଟ ସେପଟ ହେବାରେ ଲାଗିଲେ । କେବେ କେବେ ତାଙ୍କ ମନ ଭାରୀ ଖରାପ ହୋଇଗଲା । କେତେବେଳେ ଯେ ସେମାନେ ଯେ କ'ଣ ନିଷ୍ପତ୍ତି ନେଇଯିବେ , ସେମାନେ ନିଜେ ବି ଜାଣିପାରୁ ନଥିଲେ । ଏମିତି ସେମିତି ମନ ଦୁଃଖରେ ବୁଲାବୁଲି କରୁ କରୁ ସେମାନେ ଦିନେ ଏକାଠି ହୋଇଗଲେ । ପରସ୍ପରର ଦୁଃଖ କୁ ସେୟାର କଲେ । ତଥାପି ସେମାନଙ୍କ ଦୁଃଖ କେବେ ବି ଲାଘବ ହେଲାନାହିଁ । ସେମାନେ କେବେ କେବେ କିଛି ଭୁଲ୍ ନିଷ୍ପତ୍ତି ନେବାପାଇଁ ସେମାନେ ଆଗଭର ହୋଇଯାଉଥିଲେ । ପୁଣି କାହିଁକି କେଜାଣି ସେମାନଙ୍କ ମନ ଏବଂ ବିବେକ ସେମାନଙ୍କୁ ଅଟକାଉଥିଲା । ତଥାପି ଭରସା ପାଉନଥିଲା । ଏଣୁ ସେମାନଙ୍କ ପରିବାର ଲୋକେ ସମୟ ସମୟରେ ବ୍ୟସ୍ତବିବ୍ରତ ହୋଇପଡୁଥିଲେ । ସେମାନଙ୍କ ପରିବାର ଲୋକେ ବେଳେ ବେଳେ ଚିନ୍ତିତ ହୋଇପଡୁଥିଲେ । କାଳେ କେତେବେଳେ କିଛି ଭୁଲ୍ ପଦକ୍ଷେପ ନେଇଯିବେ ସେମାନେ । ଥରେ ଏକୁଟିଆ ବୁଲାବୁଲି କରୁଥିବା ସମୟରେ ସେମାନେ ରାମ ଏବଂ ରାନୀଙ୍କୁ ସାମ୍ନା କଲେ ଯେଉଁମାନଙ୍କ ଠାରୁ ସେମାନେ ଧୈର୍ଯ୍ୟର ଶିକ୍ଷା ପାଇଲେ ଯାହାର ଫଳ ମିଠା ବୋଲି ସମସ୍ତେ ଜାଣନ୍ତି, ଯାହାର ଫଳ ଅତି ମଧୁର ବୋଲି ସମସ୍ତେ ଅନୁଭବ କରନ୍ତି । ପରୀକ୍ଷା ତ ଲାଗି ରହିବ ଜୀବନରେ । ତେବେ ପରୀକ୍ଷା ପରବର୍ତ୍ତୀ ଫଳାଫଳ କିନ୍ତୁ ସବୁବେଳେ ସମାନ ରହେନାହିଁ ।

# ଅଂଶୁଘାତ ଏକ ପ୍ରାକୃତିକ ସ୍ୱାସ୍ଥ୍ୟ ସମସ୍ୟା



ଦଶରଥ ହେମ୍ବ୍ରମ୍

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । ଏଠାରେ ଅଧିକାଂଶ ଲୋକ ଅର୍ଥାତ ୭୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରି ନିଜର ଗୁଜୁରାଣ ମେଣ୍ଟାଇ ଥାଆନ୍ତି । ଏହି କୃଷକମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ । କୃଷି କାର୍ଯ୍ୟ ସାଧାରଣତଃ ପ୍ରକୃତି ଉପରେ ହିଁ ନିର୍ଭର କରିଥାଏ । ପ୍ରକୃତିରେ କିଛି ଅଘଟଣ ଘଟିଲେ ଚାଷ କାର୍ଯ୍ୟରେ ବାଧାପ୍ରାପ୍ତ ହୁଏ । ଓଡ଼ିଶାରେ ବନ୍ୟା, ବାତ୍ୟା, ଭୂକ, ମରୁଡ଼ି ଭଳି ପରିସ୍ଥିତି ଉପୁଜିଲେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଓଡ଼ିଶାର ଆର୍ଥିକ ମାନଦଣ୍ଡ ଓ ପ୍ରଗତିରେ ଅନ୍ତରାୟ ସୃଷ୍ଟି ହୁଏ । ଠିକ ପ୍ରାକୃତିକ ବିପର୍ଯ୍ୟୟ ଭଳି ଅଂଶୁଘାତ ମଧ୍ୟ ଏକ ପ୍ରାକୃତିକ ସ୍ୱାସ୍ଥ୍ୟ ସମସ୍ୟା ବର୍ତ୍ତମାନ ସମୟରେ ଉଭା ହୋଇଛି । ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ଖରା ଏବଂ ଗରମ ଯୋଗୁଁ ଶରୀରର ତାପମାତ୍ରା ନିୟନ୍ତ୍ରଣ ହୋଇ ନପାରି ହେଉଥିବା ଏକ ଶାରୀରିକ ସମସ୍ୟା, ଯାହାକୁ ଅଂଶୁଘାତ କୁହାଯାଉଛି ।


ବର୍ଷକ ବାରମାସ ଓ ଛଅ ଋତୁ ମଧ୍ୟରେ ପ୍ରଚଣ୍ଡ ପ୍ରତାପୀ ଗ୍ରୀଷ୍ମ ଋତୁର ମହାଭୟଙ୍କରୀ ରୂପ ନେଇ ଆସିଥାଏ ଧରାପୃଷ୍ଠକୁ । ଗ୍ରୀଷ୍ମର ରୌଦ୍ର ଜ୍ୱାଳାରେ ଧରିତ୍ରୀ ଓ ତା'ର କୋଳରେ ଲାଳିତ ପାଳିତ ଜୀବଜନ୍ତୁ, ମାନବ, ବୃକ୍ଷଲତା ସବୁ ଅସ୍ତବ୍ୟସ୍ତ ହୋଇଯାନ୍ତି । ଏହି ସମୟରେ ଅସହ୍ୟ ଜ୍ୱଳନ ଭୋଗେ ପଥଚାରୀଟିଏ, ଶ୍ରମିକଟିଏ, ଚାଷୀଟିଏ, ନିଷ୍ପାପ ଶିଶୁଟିଏ । ସେ ହୋଇଯାଏ ସେତେବେଳେ କ୍ଳାନ୍ତ, ଅଂଶୁଘାତରେ ସେ ହୁଏ ଶିକାର । ଅତଏବ ଗ୍ରୀଷ୍ମ ଋତୁ ହେଉଛି ଅଂଶୁଘାତର ଉତ୍ପତ୍ତି ସମୟ । ଏହି ସମୟରେ ମନରେ ଖେଳିଯାଏ ଆତଙ୍କ ! ୧୯୯୮ ମସିହା ଭଳି ଓଡ଼ିଶାର ଅବସ୍ଥା ହେବନି ତ ? ଏଭଳି ଅନେକ ପ୍ରଶ୍ନ ମନରେ ଆସିଯାଏ । ୧୯୯୯ ମସିହାରେ ଘଟିଥିବା ଓଡ଼ିଶାର ମହାବାତ୍ୟା ଏକ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଏବଂ ୧୯୯୮ ମସିହାରେ ଘଟିଥିବା ଅଂଶୁଘାତ ଜନିତ ମୃତ୍ୟୁବରଣ, ଯାହା ପ୍ରାକୃତିକ ସ୍ୱାସ୍ଥ ସମସ୍ୟାର ବଡ଼ ବିପର୍ଯ୍ୟୟକୁ ଓଡ଼ିଶାବାସୀ କେବେ ଭୁଲିପାରିବେ ନାହିଁ । ବର୍ଷା ଆସିଲେ ଯେମିତି ଓଡ଼ିଶା ମହାବାତ୍ୟା ୧୯୯୯ ମସିହା କଥା ମନେ ପଡ଼ିଥାଏ, ସେହିପରି ଗ୍ରୀଷ୍ମ ଆସିଲେ ୧୯୯୮ ମସିହାର ଅଂଶୁଘାତ କଥା ମନେ ପଡ଼ିଥାଏ । ଏହା ଓଡ଼ିଶା ଇତିହାସରେ ସବୁଠାରୁ ଭୟଙ୍କର ଗ୍ରୀଷ୍ମ ପ୍ରବାହ ହୋଇଥିଲା, ଯେଉଁଥିରେ ସରକାରୀ ରିପୋର୍ଟ ଅନୁଯାୟୀ ୨,୦୪୨ ଜଣଙ୍କର ମୃତ୍ୟୁ ଘଟିଥିଲା । ସେହି ବର୍ଷ ଓଡ଼ିଶାରେ ତାପମାତ୍ରା ପ୍ରାୟ ୪୯.୫ ଡିଗ୍ରୀ ସେଲସିୟସରେ ପହଞ୍ଚିଥିଲା । ସେହିପରି ୧୯୯୯ରେ ୯୧ ଜଣ, ୨୦୦୦ ରୁ ୨୦୦୪ରେ ହାରାହାରି ୩୦ ରୁ ୬୦ ଜଣ (ପ୍ରତିବର୍ଷ), ୨୦୦୫ରେ ୨୩୬ ରୁ ଅଧିକ ଜଣ, ୨୦୧୦ରେ ୧୦୦ରୁ ଅଧିକ ଜଣ, ୨୦୧୫ରେ ପ୍ରାୟ ୨୧ ଜଣ, ୨୦୧୯ରେ ୧୮୪ ଜଣ, ୨୦୨୩ରେ ୧୧୧ ଜଣ, ୨୦୨୪ରେ ୪୧ ଜଣଙ୍କର ମୃତ୍ୟୁ ହୋଇଥିଲା, ଯାହା ସରକାରୀ ତଥ୍ୟରେ ଉଲ୍ଲେଖ କରାଯାଇଛି । ସ୍ୱତନ୍ତ୍ର ରିଲିଫ କମିଶନର (SRC) ଙ୍କ ସୂଚନା ଅନୁସାରେ ୨୦୨୬ ମେ ମାସ ସୁଦ୍ଧା ରାଜ୍ୟରେ ତିନି ଜଣଙ୍କର ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ଖବର ପ୍ରକାଶ ପାଇଛି । ଓଡ଼ିଶା ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବିଭାଗ (OSDMA) ତଥା ରାଜ୍ୟ ସରକାରଙ୍କ ସତର୍କତା ଯୋଗୁଁ ଅଂଶୁଘାତ ମୃତ୍ୟୁକୁ ରୋକିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି । ସରକାରଙ୍କ ବିଭିନ୍ନ ସଚେତନତା ଓ ପ୍ରତିଷେଧକ ବ୍ୟବସ୍ଥା ଯୋଗୁଁ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟାକୁ ବହୁତ କମାଯାଇ ପାରିଛି ।

ସାରା ଓଡ଼ିଶାରେ ଏବେର ଖବର କହିଲେ ଅଂଶୁଘାତ, ଅଂଶୁଘାତ ପ୍ରତି ସାବଧାନ, ଜନସାଧାରଣଙ୍କୁ ସତର୍କ ଓ ସଚେତନ ନେଇ ରେଡ଼ିଓ ଏବଂ ଟିଭିରେ ପରିବେଷଣ କରାଯାଉଛି, ଆଲୋଚନା ହେଉଛି । ପ୍ରତି ଜନସାଧାରଣଙ୍କ ମୋବାଇଲରେ ମେସେଜ ଦିଆଯାଉଛି । ଖରାରେ ବାହାରକୁ ନଯିବାକୁ ନିର୍ଦ୍ଦେଶ ଦିଆଯାଉଛି । ଭୋକ ଜ୍ୱାଳାରେ ହେଉ କିମ୍ବା ଅନ୍ୟ କିଛି କାମରେ ମଣିଷଟିଏ ଡହ ଡହ ଖରାରେ ବାହାରି ଅଂଶୁଘାତରେ ଶିକାର ହେଉଛି, ଯାହାକି ପାରିବାରିକ ସମସ୍ୟା ଥାଇପାରେ । କିନ୍ତୁ ହୀରା ପରି ମୂଲ୍ୟବାନ ଜୀବନଟିଏ ସେ ହରେଇ ଦେଉଛି । ଅନ୍ୟମାନଙ୍କୁ ଦୁଃଖ ଦେଇ ବିଦାୟ ସେ ନେଇଯାଏ ଚିରଦିନ ପାଇଁ ଏ ମାୟା ସଂସାରରୁ । ଏତିକିବେଳେ ସରକାରୀ ଅନୁକମ୍ପା ପାଇଁ ଅଞ୍ଚଳବାସୀ ମିଶି ଆନ୍ଦୋଳନ କରିବାରେ ଅଗ୍ରସର ହୁଅନ୍ତି । ଏପଟେ ସରକାରୀ କର୍ମଚାରୀମାନେ ଅଞ୍ଚଳବାସୀଙ୍କୁ ବୁଝାଇ ବୁଝାଇ ନାକେଦମ ହୁଅନ୍ତି । ଏଭଳି ସମସ୍ୟା ମଧ୍ୟରେ ଗ୍ରୀଷ୍ମ ପ୍ରବାହ ସରି ଆସେ, ବର୍ଷା ଋତୁ ଧରାପୃଷ୍ଠରେ ପଦାର୍ପଣ କରେ । ପୁଣିଥରେ ପ୍ରକୃତି ହସି ଉଠେ ।

ଏବେ ସମୟ ଆସିଛି, ଚାଲନ୍ତୁ ଆମେ ସମସ୍ତେ ନିଜକୁ ନିଜେ ପଚାରିବା, ଆମେ ସବୁଜ ବନାନୀ ଛାଡ଼ି କୁଆଡ଼େ ଚାଲିଯାଉଛୁ ଆମେ ଆମ ବଂଶଧରମାନଙ୍କୁ ନେଇ ? କମ୍‌ସେକମ୍ ଥରେ ତ ନିଜକୁ ପ୍ରଶ୍ନ ପଚାରିବା । ପ୍ରକୃତିକୁ ସୁରକ୍ଷା ଦେଲେ ଏ ସମସ୍ୟା ଉପୁଜିନଥାନ୍ତେ । ତେଣୁ ଏବେ ବି କିଛି ସମୟ ଅଛି, ବିଚାର କରିବାର । ହୁଏତ ସଂପୂର୍ଣ୍ଣ ପୃଥିବୀ ଧ୍ୱଂସ ହେବା ପୂର୍ବରୁ ଏହା ଆମ ପାଇଁ ଶେଷ ସୁଯୋଗ ହୋଇପାରେ । ହାତଛଡ଼ା ନକରି ପରିବେଶ ଉପରୁ ଯେତେସବୁ ଚାପ କମେଇବାକୁ ପଡ଼ିବ । ପ୍ରକୃତିକୁ ଫେରାଇ ଦେବାକୁ ପଡ଼ିବ ତା'ର ଦୃଢ଼ ସବୁଜିମା, ତା'କୁ ତା' ନିଜ ହିସାବରେ ନିଜ ବାଗରେ ଚାଲିବାକୁ ଛାଡ଼ିଦେଲେ ପୃଥିବୀ ସବୁଜିମା ହେବ, ସୁସ୍ଥ ପରିବେଶ ପୁଣିଥରେ ହସିହସି ଗଢ଼ି ଉଠିବ । ତେବେ ହୁଏତ ପ୍ରକୃତି ଆମକୁ କ୍ଷମା ଦେଇପାରେ, ଅଂଶୁଘାତରୁ ରକ୍ଷା ମିଳିପାରେ ।

ବାଲେଶ୍ୱର, ମୋ-
୯୩୩୭୪୦୪୨୫୪

# ସରକାରଙ୍କ ଆଲୋଚନା କରିବା ଦେଶଦ୍ରୋହ ନୁହେଁ



ଗୋପାଳ ମହାପାତ୍ର

ଗଣତାନ୍ତ୍ରିକ ବ୍ୟବସ୍ଥାର ବାସ୍ତବିକ ଶକ୍ତି କେବଳ ନିର୍ବାଚନ,ସାଂସଦ/ ବିଧାୟକ ଏବଂ ସାମ୍ବିଧାନିକ ସଂସ୍ଥାରେ ନିର୍ଦ୍ଧାରିତ ହୋଇନଥାଏ ବରଂ ଶାସନ/ବା ସରକାରଙ୍କୁ ପ୍ରଶ୍ନ କରିବାର ସ୍ୱାଧିନତା କେତେ ମିଳୁଛି ସେଥିରୁ ନିର୍ଦ୍ଧାରିତ ହୋଇଥାଏ । ଯଦି ସାମ୍ବାଦିକ, ଲେଖକ, ବୁଦ୍ଧିଜୀବି ଏବଂ ନାଗରିକଙ୍କୁ ସରକାରଙ୍କ ନୀତିର ଆଲୋଚନା କଲେ ସେମାନଙ୍କୁ ରାଷ୍ଟ୍ରବିରୋଧି, ଦେଶଦ୍ରୋହୀ ବା ବ୍ୟବସ୍ଥାର ବିରୋଧି ବୋଲି କୁହାଯାଏ ତେବେ ଗଣତନ୍ତ୍ରର ମୂଳ ସ୍ୱରପ ଧିରେ ଧିରେ ଦୁର୍ବଳ ହୋଇଯାଏ । ଗଣତନ୍ତ୍ରରେ ସରକାର ରାଷ୍ଟ୍ର ବା ଦେଶ ନୁହଁନ୍ତି, ସରକାର କେବଳ ଏକ ଅସ୍ଥାୟୀ ରାଜନୈତିକ ବ୍ୟବସ୍ଥା ଅଟନ୍ତି ଯାହାକୁ ଜନତା ସିମୀତ ସମୟ ପାଇଁ ନିର୍ବାଚିତ କରିଥାନ୍ତି । ରାଷ୍ଟ୍ର ଜନତା, ସମ୍ବିଧାନ, ଗଣତାନ୍ତ୍ରିକ ସଂସ୍ଥା ଏବଂ ନାଗରିକ ଅଧିକାରରେ ନିର୍ମିତ ହୋଇଥାଏ । ଏଣୁ ସରକାରଙ୍କ ଆଲୋଚନାକୁ ରାଷ୍ଟ୍ରର ଆଲୋଚନା ବୋଲି ଗ୍ରହଣ କରାଯାଇ ପାରିବ ନାହିଁ । ସରକାରଙ୍କ ନୀତିର ଆଲୋଚନା କେବଳ ଗଣତାନ୍ତ୍ରିକ ଅଧିକାର ନୁହେଁ ବରଂ ସୁସ୍ଥ ଗଣତନ୍ତ୍ର ପାଇଁ ନିହାତି ଆବଶ୍ୟକ । ଇତିହାସ ସାକ୍ଷୀ ରହିଛି ଯେଉଁଠି ଶାସନ/ ସରକାରର ଆଲୋଚନାକୁ ଚପାଇ ଦେବାର ପ୍ରୟାସ କରାଯାଇଛି ସେଠି ଗଣତାନ୍ତ୍ରିକ ସଂସ୍ଥା ସବୁ ଦୁର୍ବଳ ହୋଇ ପଡିଛନ୍ତି ଏବଂ ନାଗରିକ ସ୍ୱାଧିନତା ସଙ୍କଟରେ ପଡିଯାଇଛନ୍ତି ।

ଭାରତର ସମ୍ବିଧାନର ଅନୁଚ୍ଛେଦ ୧୯(୧) (କ)ରେ ଅଭିବ୍ୟକ୍ତିର ସ୍ୱତନ୍ତ୍ରତାକୁ ଅଧିକାର ଭାବେ ଗ୍ରହଣ କରାଯାଇଛି । ଦେଶର ସୁପ୍ରିମକୋର୍ଟ ମଧ୍ୟ ଅନେକ ବାର ଐତିହାସିକ ନିର୍ଣ୍ଣୟ ନେଇ ସ୍ପଷ୍ଟ କରିଦେଇଛନ୍ତି ଯେ ପ୍ରେସ (ଗଣମାଧ୍ୟମ)ର ସ୍ୱତନ୍ତ୍ରତା ଏହି ସାମ୍ବିଧାନିକ ଅଧିକାରର ଅଭିନ୍ନ ଅଂଶ ଅଟେ । ଗଣତନ୍ତ୍ରରେ ଗଣମାଧ୍ୟମର କାର୍ଯ୍ୟ ସରକାରଙ୍କ ମୁଖପତ୍ର ହେବା ନୁହେଁ ବରଂ ଜନହିତରେ ସେମାନଙ୍କ ଉତ୍ତରଦାୟୀତ୍ୱ ସୁନିଶ୍ଚିତ କରିବା, ଯଦି ଗଣମାଧ୍ୟମ ପ୍ରତିନିଧି କେବଳ ସରକାରଙ୍କ ପ୍ରଶଂସା କରେ ଓ ପ୍ରଶ୍ନ ପଚାରିବା ପାଇଁ ପଛେଇଯାଏ ତେବେ ସାମ୍ବାଦିକତାର ଅସ୍ତିତ୍ୱ ସମାପ୍ତ ହୋଇଯାଏ । ସାମ୍ବାଦିକତା ର ଅର୍ଥ ହେଉଛି ସରକାରଙ୍କ କଥାକୁ ଯା କରିବା, ସରକାରୀ ନୀତିର ବିଶ୍ଳେଷଣ କରିବା ଏବଂ ଜନତାଙ୍କ ପ୍ରକୃତ ସମସ୍ୟା ସରକାରଙ୍କ ସାମନାକୁ ଆଣିବା ଯାହାକୁ ସରକାର ଅଣଦେଖା କରିଥାନ୍ତି । ଏହି କାରଣରୁ ବିଶ୍ୱର ସବୁ ପରିପକ୍ୱ ଗଣତନ୍ତ୍ରରେ ଆଲୋଚନାତ୍ମକ ସାମ୍ବାଦିକତାକୁ ଗଣତନ୍ତ୍ରର ସୁରକ୍ଷା କବଚ ଭାବେ ଦେଖା ଯାଇଥାଏ । ଭାରତରେ ବିଗତ କିଛି ବର୍ଷ ମଧ୍ୟରେ ସାମ୍ବାଦିକତା ଏବଂ ଅଭିବ୍ୟକ୍ତର ସ୍ୱତନ୍ତ୍ରତାକୁ ନେଇ ଅନେକ ବିମର୍ଷ ହୋଇଛି ଓ ଏବେ ବି ଏ ପ୍ରସଙ୍ଗ ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ହୋଇ ରହିଛି ।

ଆନ୍ତର୍ଯ୍ୟାତୀୟ ସଂସ୍ଥା ରିପୋର୍ଟର୍ସ ୱିଦାଉଟ ବଡରସ ପକ୍ଷରୁ ନିକଟରେ ୱାଲଡ଼ ପ୍ରେସ ଫ୍ରିଡ଼ମ ଇଣ୍ଡେକ୍ସ ୨୦୨୫ ଜାରି କରାଯାଇଥିଲା । ସେଥିରେ ୧୮୦ ଟି ଦେଶର ପ୍ରେସ ଫ୍ରିଡ଼ମ ବା ସାମ୍ବାଦିକ ସ୍ୱତନ୍ତ୍ରତା ବାବଦରେ ଅନେକ ତଥ୍ୟ ପ୍ରଦାନ କରାଯାଇଥିଲା । ରିପୋର୍ଟରେ ଯେଉଁ ୧୮୦ ଦେଶର ସୂଚୀ ରହିଛି ସେଥିରେ ଭାରତର ସ୍ଥାନ ୧୫୧ରେ ରହିଛି । ୨୦୨୪ରେ ପ୍ରେସ ଫ୍ରିଡ଼ମ ଇଣ୍ଡେକ୍ସରେ ଭାରତର ସ୍ଥାନ ୧୫୯ ଥିଲା । ୨୦୨୬ରେ ଭାରତର ସ୍ଥାନ ୧୫୭ରେ ସ୍ଥାନୀତ କରିଛି ସଂପୃକ୍ତ ସଂସ୍ଥା । ଏହି ତଥ୍ୟ କେବଳ ର୍ୟାଙ୍କିଙ୍ଗ୍‌କୁ ନେଇ ନୁହେଁ ବରଂ ବିଶ୍ୱ ସମୁଦାୟ ଭାରତରେ ପ୍ରେସ ସ୍ୱତନ୍ତ୍ରତାର ସ୍ଥିତିକୁ ନେଇ ଚିନ୍ତିତ ଥିବା କଥା ଏଥିରୁ ସ୍ପଷ୍ଟ । ଏହି ସୂଚକାଙ୍କରେ ସାମ୍ବାଦିକଙ୍କ ସୁରକ୍ଷା, ଗଣମାଧ୍ୟର ସ୍ୱତନ୍ତ୍ରତା, ରାଜନୈତିକ ହସ୍ତକ୍ଷେପ, ଆଇନଗତ ଚାପ ଏବଂ ଆର୍ଥୀକ ନିୟନ୍ତ୍ରଣ ଭଳି ଅନେକ ମାନକକୁ ସାମିଲ କରାଯାଇଥାଏ । ରିପୋର୍ଟର୍ସ ୱିଦାଉଟ ବର୍ଡରସ ଭାରତ ସନ୍ଦର୍ଭରେ ଗଣମାଧ୍ୟମ ମାଲିକାନାର କେନ୍ଦ୍ରୀକରଣ, ସାମ୍ବାଦିକ (ଗଣମାଧ୍ୟମ ପ୍ରତିନିଧି)ଙ୍କ ଉପରେ ଚାପ ଏବଂ ଆଲୋଚନାତ୍ମକ ସମ୍ବାଦ ପରିବେଷଣ ବିରୁଦ୍ଧରେ ବଢୁଥିବା ଶତୃତାକୁ ପ୍ରମୁଖ ଚାଲେ ଭାବରେ ରେଖାଙ୍କିତ କରିଛି ।

ଏକଥା ବୁଝିବା ଆବଶ୍ୟକ ଯେ ଗଣତନ୍ତ୍ରରେ ଆଲୋଚନା ଏବଂ ଅସହମତି ଶତୃତା ନୁହେଁ । ଗଣତନ୍ତ୍ରର ମୂଳ ଆଧାର ହେଉଛି ବିବିଧ ବିଚାର ଏବଂ ବିମର୍ଷ । ଯଦି କେହି ଗଣମାଧ୍ୟମ ପ୍ରତିନିଧି ସରକାରଙ୍କ ଆର୍ଥୀକ ନୀତି, ପ୍ରଶାସନିକ ନିର୍ଣ୍ଣୟ, ଆଇନ୍ ବ୍ୟବସ୍ଥା, ବେରୋଜଗାରୀ, ଦରଦାମବୃଦ୍ଧି, ଭ୍ରଷ୍ଟାଚାର ବା ମାନବାଧିକାର ସମ୍ପର୍କୀତ ପ୍ରସଙ୍ଗକୁ ନେଇ ପ୍ରଶ୍ନ ଉଠାଏ ତେବେ ସେ ଗଣତାନ୍ତ୍ରିକ ଦାୟୀତ୍ୱ ନିର୍ବାହ କରୁଛନ୍ତି ବୋଲି ବୁଝିବା ଉଚିତ । ଏଭଳି ପ୍ରସଙ୍ଗକୁ ନେଇ ପ୍ରଶ୍ନ ଉଠାଉଥିବା ଗଣମାଧ୍ୟମ ପ୍ରତିନିଧି, ଲେଖକ, ବୁଦ୍ଧିଜୀବିଙ୍କୁ ରାଷ୍ଟ୍ରବିରୋଧି କହିବାର ଅର୍ଥ ହେଉଛି ଗଣତାନ୍ତ୍ରିକ ମୂଲ୍ୟକୁ ଆହତ କରିବା । ସରକାର ବଦଳିଥାଏ କିନ୍ତୁ ଗଣତନ୍ତ୍ର ସ୍ଥାୟୀ ବ୍ୟବସ୍ଥା ଅଟେ । ଯଦି ସରକାରଙ୍କୁ ରାଷ୍ଟ୍ର ବୋଲି ମାନି ନିଆଯାଏ ତେବେ ଗଣତନ୍ତ୍ରର ସ୍ଥାନ ବ୍ୟକ୍ତିପୂଜା ଏବଂ ରାଜନୈତିକ କେନ୍ଦ୍ରୀକରଣ ହୋଇଯାଇଥାଏ । ଏହି କାରଣରୁ ବିକଶିତ ଗଣତନ୍ତ୍ରରେ ସରକାରଙ୍କର ଆଲୋଚନାକୁ ମଧ୍ୟ ଗଣତାନ୍ତ୍ରିକ ସ୍ୱାସ୍ଥ୍ୟର ସଙ୍କେତ ବୋଲି ଗ୍ରହଣ କରାଯାଇଥାଏ ।

ଭାରତର ସ୍ୱାଧିନତା ଆନ୍ଦୋଳନର ଇତିହାସ ମଧ୍ୟ ଏହି ସତ୍ୟର ପ୍ରତୀକ ଅଟେ । ଔପନିବେଶିକ ଶାସନ ସମୟରେ ଭାରତୀୟ ଗଣମାଧ୍ୟମ ପ୍ରତିନିଧି ଏବଂ ଗଣମାଧ୍ୟମ (ସମ୍ବାଦପତ୍ର) ମାନେ ବ୍ରିଟିଶ ସରକାରର କଠୋର ସମାଲୋଚନା କରୁଥିଲେ । ବାଳ ଗଙ୍ଗାଧର ତିଳକଙ୍କ ନ୍ତକୋଶରୀନ୍ତ ମହାତ୍ମା ଗାନ୍ଧୀଙ୍କ ନ୍ତୟଙ୍ଗ କଣ୍ଡିଆନ୍ତ ଏବଂ ନ୍ତହରିଜନନ୍ତ ପତ୍ରିକା ତଥା ଅନେକ ସ୍ୱାଧିନଚେତା ସାମ୍ବାଦିକ ବ୍ରିଟିଶ ଶାସନର ନୀତିକୁ ଖୋଲାଖୋଲି ଭାବେ ବିରୋଧ କରୁଥିଲେ । ଯଦି ସେ ସମୟରେ ବ୍ରିଟିଶ ସରକାର ଆଲୋଚନାକୁ ଦେଶଦ୍ରୋହ ବୋଲି କହିଥାନ୍ତେ ତେବେ ଭାରତର ସ୍ୱାଧିନତା ଆନ୍ଦୋଳନ ମଧ୍ୟ ଅସମ୍ଭବ ହୋଇଥାନ୍ତା । ବିଡମ୍ବନା ଯେ ଏବେ ସ୍ୱାଧିନ ଭାରତରେ ସରକାରଙ୍କ ନୀତି ବାବଦରେ ପ୍ରଶ୍ନ କରୁଥିବା ଏବଂ ସରକାରଙ୍କ ଆଲୋଚନା କରୁଥିବା ସାମ୍ବାଦିକଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖାଯାଉଛି । ଗଣତନ୍ତ୍ରରେ ଗଣମାଧ୍ୟମର ଦାୟୀତ୍ୱ କେବଳ ସରକାରଙ୍କ ଉପଲବ୍ଧିକୁ ପ୍ରସାର କରିବା ନୁହେଁ । ଯଦି ଗଣମାଧ୍ୟମ ଶାସନର ସମର୍ଥନ କରେ ଏବଂ ଜନସ୍ୱାର୍ଥ ସହ ଜଡିତ ସମସ୍ୟା ବାବଦରେ ସରକାର/ଶାସନକୁ ପ୍ରଶ୍ନ ନକରେ ତେବେ ତାହା ସାମ୍ବାଦିକତା ନୁହେଁ ପ୍ରସାରତନ୍ତ୍ର ହୋଇଥାଏ ।

# ସୁଲଭ ବାସଗୃହ ସଂକଟ



ସୌଭାଗ୍ୟ ରଂଜନ ମହାନ୍ତି

ବିଶ୍ୱରେ ବାସଗୃହ ବା ଆବାସ ନେଇ ଜାତିସଂଘ ପ୍ରାକୃତିକ ଆଶ୍ରୟସ୍ଥଳ (ହାବିଟାଟ୍)ର ୱାର୍ଲ୍ଡ ସିଟିଜ୍ ରିପୋର୍ଟ ୨୦୨୬ରେ ଯେଉଁ ଚିତ୍ର ପ୍ରଦାନ କରିଛି, ତାହା ଅତ୍ୟନ୍ତ ଚିନ୍ତାଜନକ ବୋଲି କୁହାଯାଇପାରିବ । ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ପ୍ରାୟ ୪୦ ପ୍ରତିଶତ ଅର୍ଥାତ ୩.୪ ବିଲିଅନ ଜନସାଧାରଣ ଏବେ 'ଘର' ସଂକଟର ସମ୍ମୁଖୀନ । ସେମାନଙ୍କ ପାଇଁ ରହିବା ପାଇଁ ଉପଯୁକ୍ତ ଘର ବା ବାସଗୃହଟିଏ ନାହିଁ । ନିଜର ବାସଗୃହ ଏବଂ ଏପରିକି ଭଡାଘର ଏବେ ସେମାନଙ୍କ ପାଇଁ ଅତ୍ୟନ୍ତ ବ୍ୟୟ ବହୁଳ ହୋଇପଡିଛି । ଘରଟିଏ କିଣିବା ସେମାନଙ୍କ ସାମର୍ଥ୍ୟ ବାହାରେ ଥିବାବେଳେ ସ୍ୱଳ୍ପ ଓ ଖରାପ ମାନର ଘର, ଯେଉଁଥିରେ ବିଶୁଦ୍ଧ ପାନୀୟ ଜଳ ଏବଂ ପରିମଳ ବ୍ୟବସ୍ଥାର ଅଭାବ ସ୍ପଷ୍ଟ ବାରି ହୋଇପଡେ । ଅଧିକନ୍ତୁ, ୪୪ ପ୍ରତିଶତରୁ ଅଧିକ ବ୍ୟୟ କରିଥାନ୍ତି । ଏହା ନିସନ୍ଦେହ ଯେ, ଏବେ ଆୟ ତୁଳନାରେ ଘରଟିର ମୂଲ୍ୟ ଦୃତବେଗରେ ବୃଦ୍ଧି ପାଇବାରେ ଲାଗିଛି । ଘରଟିଏ କିଣିବା କ୍ଷମତା ଏବେ ତୃତଗତିରେ ବିରଳ ହୋବରେ ଲାଗିଛି । ଅର୍ଥାତ ଘରଟିଏ କିଣିବା ଏବେ ଭାଗ୍ୟରେ ଥିଲେ ମିଳେ ବୋଲି କୁହାଯାଏ । କହିବା ବାହୁଲ୍ୟ ଯେ, ୨୦୧୦ରେ ହାରାହାରୀ ଘରର ମୂଲ୍ୟ-ଆୟ ଅନୁପାତ ୯.୩ ଥିବାବେଳେ ୨୦୨୩ରେ ବିଶ୍ୱରେ ଏହି ଅନୁପାତ ୧୧.୨କୁ ବୃଦ୍ଧି ପାଇଥିଲା । ସେହିପରି କେନ୍ଦ୍ରୀୟ ଓ ଦକ୍ଷିଣ ଏସୀଆ ମହାଦେଶରେ ଏହି ଅନୁପାତ ୧୬.୮କୁ ବୃଦ୍ଧି ପାଇଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଘରଟିରେ ଆଲୋକ, ପାନୀୟଜଳ, ପରିମଳ ବ୍ୟବସ୍ଥା ଅଭାବରେ ବିଶ୍ୱରେ ୩.୪ ବିଲିଅନ ଲୋକ ଅତି ଦୟନୀୟ ଅବସ୍ଥାରେ ବସବାସ କରୁଛନ୍ତି । ଆଗକୁ ଏହି ପରିସ୍ଥିତି ଆହୁରି ଖରାପ ହୋଇପଡିବା ଆଶଙ୍କା କରାଯାଉଛି । କାରଣ ୨୦୫୦ ମସିହା ବେଳକୁ ବିଶ୍ୱବ୍ୟାପୀ ସହରଗୁଡିକ ପାଇଁ ଅତିରିକ୍ତ ୨ ବିଲିଅନ ଲୋକଙ୍କ ପାଇଁ ବାସଗୃହର ଆବଶ୍ୟକତା ହେବ । ଭାରତର ଅବସ୍ଥା ମଧ୍ୟ ଅନୁରୂପ ଚିନ୍ତାଜନକ । ଆସନ୍ତା ୨୦୫୦ ମସିହା ବେଳକୁ ଦେଶର ଜନସଂଖ୍ୟାର ଅର୍ଦ୍ଧେକ ସହରାଚଂଳରେ ବସବାସ କରିବା ଅନୁମାନ କରାଯାଏ । ଦେଶରେ ଆଠଟି ବୃହତ ମେଟ୍ରୋପଲିଟାନ ସହରରେ ୨୦୧୮ରେ ନୂତନ କୋଠା କିଣିବା କ୍ଷମତା ୫୨ ପ୍ରତିଶତ ଥିବାବେଳେ ୨୦୨୫ରେ ଏହା ୧୭ ପ୍ରତିଶତକୁ ହ୍ରାସ ପାଇଛି । ଆୟ ତୁଳନାରେ ଘରର ମୂଲ୍ୟ ହୁ ହୁ ହୋଇ ବଢିଚାଲିଛି । ଦିଲ୍ଲୀ ମୁମ୍ବାଇରେ ମଧ୍ୟମ ଆୟ ବର୍ଗର ପରିବାର ପାଇଁ ସ୍ୱପ୍ନ ହୋଇପଡିଛି ବୋଲି କହିଲେ ଭୁଲ ହୋଇନପାରେ । ସଂଚୟ ଓ ଋଣ ଉପରେ ନିର୍ଭରଶୀଳ ପରିବାରଗୁଡିକ ଘରଟିଏ ପାଇଁ ସମ୍ପତି ବନ୍ଧକ ରଖିବାକୁ ବାଧ ହେଉଛନ୍ତି । ୨୦୨୫-୨୬ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୩୦ ମସିହା ସୁଦ୍ଧା ଦେଶର ସହରାଚଂଳରେ ଲୋକଙ୍କୁ ସୁଲଭ ଦରରେ ୩୦ ମିଲିଅନ ବାସଗୃହ ଯୋଗାଇଦେବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ବର୍ତମାନ ପ୍ରାୟ ୯.୪ ମିଳିଅନ ବାସଘର ନିଅଂଟ ରହିଛି । ଅନ୍ୟପକ୍ଷରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦେଶର ଗରିବ, ଅସହାୟ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ଛାତ ଘର ଯୋଗାଣ ଯୋଜନା କାର୍ଯ୍ୟକାରୀ କରିଥିଲେ, ତାହା ଏବେ ବି ସଫଳ ହୋଇପାରିନାହିଁ । ସ୍ୱଳ୍ପ ଅନୁଦାନ, ଭୂମି ଅଭାବ, ଗୃହ ତିଆରି ଉପକରଣ ତଥା ସିମେଂଟ, ଇଟା, ବାଲି, ଛଡ ଓ ମଜୁରୀ ବୃଦ୍ଧି ଏହି ଯୋଜନାକୁ ଅଧପନ୍ତାରିଆ କରିଦେଇଛି । ଯାହାର ପରିଣତି ସ୍ୱରୁପ ଘର ସମ୍ପୂର୍ଣ୍ଣ ନହୋଇ ଅଧାରେ ଅଟକି ରହିଛି । ଜାତିସଂଘ ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଦେଶରେ ପ୍ରତି ୧୦,୦୦୦ ଲୋକରେ ୧୩ଜଣଙ୍କର ମୁଣ୍ଡରେ ଛାତଟିଏ ନାହିଁ । ଅର୍ଥାତ ସେମାନେ ବାସହରା । ବାସହରା ଲୋକ ବିଭିନ୍ନ ସରକାରୀ ସୁବିଧା ସୁଯୋଗରୁ ବଂଚିତ ହୋଇଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ବିଗୁଡିଥିବାବେଳେ ସେମାନଙ୍କ ମଧ୍ୟରେ ଅପରାଧ ପ୍ରବଣତା ବୃଦ୍ଧି ପାଉଥିବା ରିପୋର୍ଟରେ କୁହାଯାଇଛି । ଭାଗ୍ୟରେ ଥିଲେ, ଭୂମି, କନ୍ୟା ଓ ଗୋମାତା ମିଳନ୍ତି ବୋଲି ଆମ ଶାସ୍ତ୍ରରେ ଯାହା କୁହାଯାଇଛି, ତାହା ଅସତ୍ୟ ନୁହେଁ ବୋଲି କୁହାଯାଇପାରେ । ଏବେ ଦେଶର ସହରାଚଂଳଗୁଡିକରେ ଜମିର ମୂଲ୍ୟ ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି । ବିଲଡରମାନଙ୍କ ଲାଭଖୋର ମନୋଭାବ ଯୋଗୁଁ ଘର ଦାମ ମଧ୍ୟ ବଢିଚାଲିଛି । ବ୍ୟାଙ୍କ ଋଣ ଯୋଗାଉଥିଲେ ମଧ୍ୟ ତାହା ସୁଲଭ ନୁହେଁ । ତେଣୁ ଭାଗ୍ୟରେ ଥିଲେ ମଧ୍ୟବିତ ଓ ମଧ୍ୟମ ଆୟବର୍ଗଙ୍କ ପାଇଁ ଘରର ସ୍ୱପ୍ନ ପୁରଣ ହେବ ବୋଲି କହିଲେ ଅତିରଂଜିତ ହୋଇନପାରେ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
୯୪୩୭୯୯୪୩୭୯

ପ୍ରତିଶବ୍ଦ TV

ଭୁବନେଶ୍ୱର, ୨୩ ଜୁନ୍ ୨୦୨୬

## ବାଦଲିପାହାଡ଼ ଜଙ୍ଗଲରେ ମାଓ ଡମ୍ପ ଠାବ

# ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ



**କୋରାପୁଟ,୨୨।୬ :** କୋରାପୁଟ ଜିଲ୍ଲାରେ ସୁରକ୍ଷା ବାହିନୀକୁ ମିଳିଛି ଏକ ବଡ଼ ସଫଳତା। ବୈପାରୀଗୁଡା ଥାନା ଅଧୀନ ବାଦଲିପାହାଡ଼ ଜଙ୍ଗଲରୁ ମାଓବାଦୀଙ୍କ ଏକ ବୃହତ୍ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଡମ୍ପ ଠାବ କରାଯାଇଛି। ଆତ୍ମସମର୍ପଣ କରିଥିବା ଜଣେ ନକ୍ସଲଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଡିଭିଏଫ୍, ଏସ୍ଓଜି ଓ ଅନ୍ୟାନ୍ୟ ସୁରକ୍ଷା ବାହିନୀ ପକ୍ଷରୁ ଚାଲିଥିବା କମ୍ବିଂ ଅଭିଯାନ ସମୟରେ ଏହି ସଫଳତା ମିଳିଛି। ସୂଚନା ଅନୁଯାୟୀ, ଛତିଶଗଡ଼ର ବସ୍ତର ଜିଲ୍ଲା ସୀମାନ୍ତବର୍ତ୍ତୀ ବାଦଲିପାହାଡ଼ ଜଙ୍ଗଲରେ ସକାଳ ପ୍ରାୟ ସାଢ଼େ ୫ଟା ବେଳେ ସୁରକ୍ଷା ବାହିନୀ ଏକ ପ୍ରମୁଖ ମାଓ ଆଡ୍ଡା ଠାବ କରିଥିଲେ। ସେଠାରୁ ଏକ ଆଇଏନ୍ଏସ୍ଏଏସ୍ ରାଇଫଲ, ୬ଟି ଦେଶୀ ବନ୍ଧୁକ, ପ୍ରାୟ ୧୮ କିଲୋଗ୍ରାମ ଓଜନର କ୍ଲେମର ମାଇନ୍, ୧୦ କିଲୋଗ୍ରାମ ଓ ୪ କିଲୋଗ୍ରାମ ଓଜନର ଟିଫିନ୍ ବୋମା ଆଇଇଡି, ୬ଟି ଟିଫିନ୍ ବୋମା, ମାଓବାଦୀ କିଟ୍ ବ୍ୟାଗ୍, ମାଓ ସାହିତ୍ୟ, ଔଷଧ ଓ ଖାଦ୍ୟ ସାମଗ୍ରୀ ଜବତ କରାଯାଇଛି। ପୋଲିସର ପ୍ରାଥମିକ ତଦନ୍ତ ଅନୁସାରେ, ଏହି ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଆନ୍ଧ୍ର-ଓଡ଼ିଶା ସୀମା ସ୍ୱତନ୍ତ୍ର ଜୋନାଲ କମିଟିର ମାଓ କ୍ୟାଡରମାନଙ୍କର ହୋଇପାରେ। ସାଧାରଣ ଲୋକ ଏବଂ ସୁରକ୍ଷା ବାହିନୀଙ୍କୁ ଟାର୍ଗେଟ କରିବା ଉଦ୍ଦେଶ୍ୟରେ ଏହି ସାମଗ୍ରୀ ଗଚ୍ଛିତ ରଖାଯାଇଥିବା ଆଶଙ୍କା କରାଯାଉଛି। କୋରାପୁଟ ଏସ୍‌ପି ରୋହିତ ବର୍ମାଙ୍କ କହିବା ଅନୁଯାୟୀ, ଜିଲ୍ଲାକୁ ନକ୍ସଲମୁକ୍ତ ରଖିବା ପାଇଁ ଏସ୍ଓଜି, ଡିଭିଏଫ୍ ଓ ବିଏସ୍ଏଫ୍ ପକ୍ଷରୁ ନିୟମିତ କମ୍ବିଂ ଅପରେସନ୍ ଚାଲିଛି ଏବଂ ଆଗାମୀ ଦିନରେ ମଧ୍ୟ ଏଭଳି ଅଭିଯାନକୁ ଅଧିକ ଜୋରଦାର କରାଯିବ ସୂଚନା ଦେଇଛନ୍ତି ।

## ନିର୍ମାଣ ଆରମ୍ଭରୁ ଅନିୟମିତତା

# ବେଣ୍ଟକାର ଷ୍ଟାଫ କ୍ୱାର୍ଟର କାମକୁ ନେଇ ବଢ଼ିଲା ବିବାଦ

## ଜନ ପ୍ରତିବାଦ ପରେ ଚେତିଲା ବିଭାଗ ତ୍ରୁଟିପୂର୍ଣ୍ଣ କାମ ଭାଙ୍ଗି ପୁନଃ ନିର୍ମାଣର ନିଷ୍ପତ୍ତି

**ଫୁଲନଖରା,୨୨।୬ :** କଟକ ସଦର ଅନ୍ତର୍ଗତ ବୟାଳିଶମୌଜା ଅଞ୍ଚଳର ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ନିର୍ମାଣାଧୀନ ଷ୍ଟାଫ କ୍ୱାର୍ଟର କାମରେ ଗୁରୁତର ଅନିୟମିତତା ଓ ନିମ୍ନମାନର ନିର୍ମାଣ ନେଇ ଅଭିଯୋଗ ଉଠିଛି। ପ୍ରାୟ ୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଚାରି ମହଲା ବିଶିଷ୍ଟ ଷ୍ଟାଫ କ୍ୱାର୍ଟରର ଭିତ୍ତିଭୂମି କାମରୁ ହିଁ ତ୍ରୁଟି ଦେଖାଯାଇଥିବା ଅଭିଯୋଗ ହୋଇଛି, ଯାହା ସମଗ୍ର ପ୍ରକଳ୍ପର ଗୁଣବତ୍ତା ଓ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଅଭିଯୋଗ ଅନୁଯାୟୀ, ଘରର ପିଲାରକୁ ସଂଯୋଗ କରି ତିଆରି ହେଉଥିବା କାନ୍ଥ ତଳେ ନିୟମ ଅନୁସାରେ କଂକ୍ରିଟ କିମ୍ବା ମେଟାଲ ଢଳେଇ କରାଯାଇ ନଥିଲା। ବରଂ କୌଣସି ସୁଦୃଢ଼ ଭିତ୍ତି ପ୍ରସ୍ତୁତ ନକରି ସିଧାସଳଖ ମାଟି ଉପରେ କାନ୍ଥ ନିର୍ମାଣ କରାଯାଇଥିଲା। ଫଳସ୍ୱରୂପ ସାମାନ୍ୟ ବର୍ଷାରେ ହିଁ ନିର୍ମିତ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଏଭଳି ଘଟଣା ଠିକାଦାରଙ୍କ କାର୍ଯ୍ୟଶୈଳୀ ଓ ବିଭାଗୀୟ ତଦାରଖ ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ, ଏତେ ବଡ଼ ଅର୍ଥର ପ୍ରକଳ୍ପରେ ନିୟମିତ ଭାବେ ଯନ୍ତ୍ରୀ ଓ ଓ୍ୱର୍କ ସରକାରଙ୍କ ଉପସ୍ଥିତି ନଥିବା ବେଳେ ଠିକାଦାର ମନମୁଖୀ ଭାବେ କାମ କରି ଚାଲିଥିଲେ। ଏଭଳି ସମ୍ବେଦନଶୀଳ ନିର୍ମାଣ କାର୍ଯ୍ୟରେ ଅଭିଜ୍ଞ ଓ କୁଶଳୀ କର୍ମଚାରୀଙ୍କ ପରିବର୍ତ୍ତେ ଅଣକୁଶଳୀ ଶ୍ରମିକଙ୍କୁ ନିୟୋଜିତ କରି କାମ କରାଯାଉଥିବା ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ପରେ ବିଭାଗୀୟ ଯନ୍ତ୍ରୀ ରଶ୍ମି ରଞ୍ଜନ ସେଠୀ ଠିକାଦାରଙ୍କ ତ୍ରୁଟିକୁ ସ୍ୱୀକାର କରି ଉକ୍ତ କାମକୁ ପୁନର୍ବାର ଠିକ୍ ଢଙ୍ଗରେ କରାଯିବ ବୋଲି କହିଥିଲେ। ତେବେ ପ୍ରଶ୍ନ ଉଠୁଛି ଯେ, ଯେତେବେଳେ ନିର୍ମାଣରେ ଏଭଳି ତ୍ରୁଟି ଘଟୁଥିଲା, ସେତେବେଳେ ବିଭାଗୀୟ ଯନ୍ତ୍ରୀ ଓ ତଦାରଖକାରୀ କର୍ମଚାରୀ କେଉଁଠାରେ ଥିଲେ? କାମ ଶେଷ ହେବା ପରେ ତ୍ରୁଟି ଧରାପଡ଼ିବା ବଦଳରେ ପ୍ରାରମ୍ଭିକ ପର୍ଯ୍ୟାୟରୁ ଏହାକୁ ଅଟକାଯିବା କାହିଁକି ସମ୍ଭବ ହେଲା ନାହିଁ, ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ, ଏତେ ବଡ଼ ସରକାରୀ ପ୍ରକଳ୍ପ ସ୍ଥଳରେ ଆବଶ୍ୟକ ସୂଚନା ଫଳକ ମଧ୍ୟ ଲଗାଯାଇ ନଥିବାରୁ ପ୍ରକଳ୍ପର ବ୍ୟୟ, ସମୟସୀମା, ଠିକାଦାର ଓ ବିଭାଗୀୟ ତଥ୍ୟ ସମ୍ପର୍କରେ ସାଧାରଣ ଲୋକ ଅନ୍ଧାରରେ ରହିଥିଲେ। ଏହା ସ୍ୱଚ୍ଛତା ଓ ଜବାବଦେହିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ପୂର୍ବତନ ସରପଞ୍ଚ ବୀରବର ଲେଙ୍କା, କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ, ୬ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଅଜୟ ଦଳାଇ, ପ୍ରଦ୍ୟୁମ୍ନ କିଶୋର ମହାନ୍ତି ଓ ରାଜେଶ ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତୀବ୍ର ପ୍ରତିବାଦ କରିଥିଲେ। ସେମାନେ ପ୍ରାୟ ତିନି ଘଣ୍ଟା ଧରି ସେଠାରେ ଅଡ଼ି ବସିବା ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ସ୍ୱାସ୍ଥ୍ୟ କେନ୍ଦ୍ର ଅଧକ୍ଷ ପହଞ୍ଚି ସମସ୍ତଙ୍କ ଉପସ୍ଥିତିରେ ତ୍ରୁଟିପୂର୍ଣ୍ଣ କାନ୍ଥକୁ ଭାଙ୍ଗିବା ସହ ପୁନଃ ନିୟମ ଅନୁଯାୟୀ ନିର୍ମାଣ କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ପ୍ରଶ୍ନ ଉଠୁଛି, ସ୍ଥାନୀୟ ଲୋକଙ୍କ ପ୍ରତିବାଦ ପରେ ଯଦି ତ୍ରୁଟିପୂର୍ଣ୍ଣ କାମ ଭଙ୍ଗାଯାଉଛି, ତେବେ ଆରମ୍ଭରୁ ଏହାର ତଦାରଖ କରିବାର ଦାୟିତ୍ୱ କାହାର ଥିଲା? ସରକାରୀ ଅର୍ଥରେ ହେଉଥିବା ପ୍ରକଳ୍ପରେ ଏଭଳି ଅବହେଳା କେବଳ ଜନଧନର ଅପଚୟ ନୁହେଁ, ବରଂ ଭବିଷ୍ୟତରେ ଲୋକଙ୍କ ସୁରକ୍ଷା ପ୍ରତି ମଧ୍ୟ ବିପଦ ସୃଷ୍ଟି କରିପାରେ।

## ଅନ୍ତର୍ଜାତୀୟ ଯୋଗ ଦିବସ

# ସୁସ୍ଥ ଶରୀର ଓ ସୁସ୍ଥ ମନ ପାଇଁ ଯୋଗ ଅତ୍ୟାବଶ୍ୟକ

**ବଲାଙ୍ଗୀର,୨୨।୬ :** ସମଗ୍ର ବିଶ୍ୱ ସହିତ ବଲାଙ୍ଗୀର ଜିଲ୍ଲାରେ ମଧ୍ୟ ଉତ୍ସାହ ଓ ଉଦ୍ଦୀପନାର ସହ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏହି ଅବସରରେ ବଲାଙ୍ଗୀର ସହର ସ୍ଥିତ ଗାନ୍ଧୀ ଷ୍ଟାଡିଅମ ପରିସରରେ ଏକ ଭବ୍ୟ ଯୋଗ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଯୋଗପ୍ରେମୀ, ଶିକ୍ଷାର୍ଥୀ, ସରକାରୀ କର୍ମଚାରୀ, ଯୋଗ ପ୍ରଶିକ୍ଷକ ଏବଂ ସାଧାରଣ ଜନସାଧାରଣ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ, ବଲାଙ୍ଗୀର ଜିଲ୍ଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ତରଣୀ ସୁନାଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଯୋଗଦେଇ ସମୂହ ଯୋଗାଭ୍ୟାସ କରିଥିଲେ। ଯୋଗ ପ୍ରଶିକ୍ଷକମାନଙ୍କ ନେତୃତ୍ୱରେ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଓ ଧ୍ୟାନ ପ୍ରକ୍ରିୟାର ପ୍ରଦର୍ଶନ କରାଯାଇଥିଲା। ଏହା ମାଧ୍ୟମରେ ଯୋଗର ଗୁରୁତ୍ୱ ଏବଂ ଏହାର ସ୍ୱାସ୍ଥ୍ୟଗତ ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଉପସ୍ଥିତ ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ, ଆଜିର ବ୍ୟସ୍ତ ଏବଂ ଚାପପୂର୍ଣ୍ଣ ଜୀବନଶୈଳୀ ମଧ୍ୟରେ ଯୋଗ ହେଉଛି ଏକ ଏପରି ପ୍ରାଚୀନ ଭାରତୀୟ ବିଦ୍ୟା, ଯାହା ମଣିଷକୁ ଶାରୀରିକ, ମାନସିକ ଓ ଆଧାତ୍ମିକ ଭାବେ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ନିୟମିତ ଯୋଗାଭ୍ୟାସ ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ମନର ଏକାଗ୍ରତା, ସକାରାତ୍ମକ ଚିନ୍ତାଧାରା ଓ ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଏହି ଅବସରରେ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ନିଜ ଉଦ୍‌ବୋଧନରେ କହିଥିଲେ,



"ସୁସ୍ଥ ଶରୀର ଓ ସୁସ୍ଥ ମନ ପାଇଁ ଯୋଗ ଅତ୍ୟାବଶ୍ୟକ। ଯୋଗ କେବଳ ଏକ ବ୍ୟାୟାମ ନୁହେଁ, ଏହା ଏକ ସୁସ୍ଥ ଜୀବନଶୈଳୀର ଆଧାର। ନିୟମିତ ଯୋଗ କରିବା ଦ୍ୱାରା ଅନେକ ଜଟିଳ ରୋଗରୁ ଦୂରେଇ ରହିହେବ ଏବଂ ଜୀବନରେ ସକାରାତ୍ମକ ଶକ୍ତିର ବିକାଶ ଘଟିଥାଏ।" ସେ ଆହୁରି କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମରେ ଯୋଗକୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ମିଳିଛି ଏବଂ ଆଜି ବିଶ୍ୱର ବିଭିନ୍ନ ଦେଶର ଲୋକମାନେ ଯୋଗକୁ ନିଜ ଦୈନନ୍ଦିନ ଜୀବନର ଅଂଶ ଭାବେ ଗ୍ରହଣ କରୁଛନ୍ତି। ଯୋଗ ମାଧ୍ୟମରେ ଏକ ସୁସ୍ଥ, ସଶକ୍ତ ଓ ସମୃଦ୍ଧ ସମାଜ ଗଠନ ସମ୍ଭବ ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ନିୟମିତ ଭାବେ ଯୋଗାଭ୍ୟାସ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ଯୋଗ ପ୍ରତି ଉତ୍ସାହିତ କରିବାକୁ ଆହ୍ୱାନ ଜଣାଯାଇଥିଲା। ଯୋଗ ଦିବସ ପାଳନ ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇବା ସହ ଯୁବପିଢ଼ିଙ୍କ ମଧ୍ୟରେ ଯୋଗ ପ୍ରତି ଆଗ୍ରହ ବଢ଼ିଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମ ବଲାଙ୍ଗୀର ଜିଲ୍ଲାରେ ସ୍ୱାସ୍ଥ୍ୟ ସଚେତନତା ଓ ସୁସ୍ଥ ଜୀବନଶୈଳୀ ପ୍ରଚାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପରିଗଣିତ ହୋଇଛି ।

## କଣ୍ଟାବାଞ୍ଜି ଇଣ୍ଡୋର ଷ୍ଟାଡିଅମରେ ବିଶ୍ୱ ଯୋଗ ଦିବସ



**ବଲାଙ୍ଗୀର, ୨୨।୬ :** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଇଣ୍ଡୋର ଷ୍ଟାଡିଅମ ଠାରେ ବିଶ୍ୱ ଯୋଗ ଦିବସ ଉତ୍ସାହ ଓ ଉଦ୍ଦୀପନା ସହ ପାଳିତ ହୋଇଯାଇଛି,ଏହି ଅବସରରେ ମାନ୍ୟବର କଣ୍ଟାବାଞ୍ଜି ବିଧାୟକ ଶ୍ରୀଯୁକ୍ତ ଲକ୍ଷ୍ମଣ ବାଗ, ଶତାଧିକ ଛାତ୍ର ଛାତ୍ରୀ,ବିଜ୍ଞାପିତ ଅଂଚଳ ପରିଷଦ (NAC) ଅଧିକାରୀ,କର୍ମଚାରୀ ଏବଂ ସାଧାରଣ ଜନତା,ଯୋଗଦେଇ ସାମୁହିକ ଯୋଗ ଅଭ୍ୟାସ କରିଥିଲେ,କାର୍ଯ୍ୟକ୍ରମ ରେ 'ସ୍ୱାସ୍ଥ୍ୟ ପାଇଁ ଯୋଗ ' ନାରା କୁ ପ୍ରଚାର କରାଯାଇଥିଲା,ଉପସ୍ଥିତ ବକ୍ତା ମାନେ ଯୋଗ ର ଉପକାରିତା ବିଷୟରେ ମତ ରଖି କହିଥିଲେ ଯେ ଯୋଗ କେବଳ ଶରୀର କୁ ସୁସ୍ଥ ରଖିବାର ମାଧ୍ୟମ ନୁହେଁ,ଏହା ମନୋବଳ ବୃଦ୍ଧି,ମାନସିକ ଶାନ୍ତି ଓ ଆନ୍ତରିକ ଶକ୍ତି ପ୍ରଦାନ କରିଥାଏ, ଏହି ଅବସରରେ ନିତିଦିନ ଯୋଗଭ୍ୟାସ କରି ସୁସ୍ଥ ଓ ନିରୋଗ ଜୀବନ ଗଢି ତୋଳିବା ପାଇଁ ଆହ୍ୱାନ ଦିଆଯାଇଥିଲା,ଯୋଗ ମାଧ୍ୟମ ରେ ଶାରୀରିକ ଓ ମାନସିକ ବିକାଶ ସମ୍ଭବ ବୋଲି ମତ ପ୍ରକାଶ ପାଇଥିଲା,କାର୍ଯ୍ୟକ୍ରମ ଶେଷରେ ସମସ୍ତେ ନିତିଦିନ ଯୋଗ କରିବାପାଇଁ ସଂକଳ୍ପ ନେଇଥିଲେ ।

# ବାସ୍କେଟ ବଲ ଉପକନିଷ୍ଠ ରାଜ୍ୟସ୍ତରୀୟ ଚାମ୍ପିଅନ୍‌ସିପ୍ ଆୟୋଜିତ

**ବ୍ରହ୍ମପୁର,୨୨।୬ :** ରାଜ୍ୟସ୍ତରୀୟ ଉପ-କନିଷ୍ଠ ଉଭୟ ବାଳକ ଓ ବାଳିକା ବର୍ଗ ବାସ୍କେଟ ବଲ ଚାମ୍ପିଅନ୍‌ସିପ୍ ଗଞ୍ଜାମ ଜିଲ୍ଲା ନିଷ୍ଟ କଲେଜ ଠାରେ ଆସନ୍ତା ୨୮ ତାରିଖ ରୁ ୧ ଜୁଲାଇ ଯାଏଁ ଆୟୋଜିତ ହେବାକୁ ଯାଉଅଛି। ଏହି ଟୁର୍ନାମେଣ୍ଟ ରେ ବିଭିନ୍ନ ଜିଲ୍ଲା ର ଉପ କନିଷ୍ଠ ବର୍ଗରେ ଉଭୟ ବାଳକ ଓ ବାଳିକା ମାନେ ଖେଳିବେ। ଏଣୁ ଗଞ୍ଜାମ ଜିଲ୍ଲା ର ଦଳ ଚୟନ ପାଇଁ ଇଚ୍ଛୁକ ଖେଳଳୀ ମାନେ ନିଜ ଜନ୍ମ ପ୍ରମାନପତ୍ର ଓ ଆଧାର କାର୍ଡ ସମେତ ଆସନ୍ତା ୨୫ ତାରିଖ ଦିନ ସକାଳ ୬:୩୦ ମିନିଟ ସମୟରେ ବ୍ରହ୍ମପୁର ବଡ ମେଡିକାଲ ମଧ୍ୟରେ ସ୍ଥିତ ବାସ୍କେଟ ବଲ ଗ୍ରାଉଣ୍ଡ ଠାରେ ଚୟନ ଶିବିର ଅନୁଷ୍ଠିତ ହେବ। ଖେଳାଳି ଙ୍କ ଜନ୍ମ ୧/୧/୨୦୧୩ ପରେ ହୋଇଥିବା ଆବଶ୍ୟକ ରହିଛି। ଖେଳାଳି ମାନେ ନାମ ପଞ୍ଜିକରଣ ପାଇଁ ଶ୍ରୀ ପ୍ରଶାନ୍ତ କୁମାର ରାଉତ (୯୮୬୧୩୪୩୬୪୯) ଓ ଶ୍ରୀ ରାଜ ନାରାୟଣ ପାତ୍ର ଙ୍କୁ (୯୪୩୭୧୩୫୧୩୫) ଯୋଗାଯୋଗ କରିବାକୁ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଶ୍ରୀ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

# ଦେବାଦେବୀଙ୍କ ନବ ନିର୍ମିତ ବିଗ୍ରହ ପ୍ରତିଷ୍ଠା



**ବ୍ରହ୍ମପୁର, ୨୨।୬ :** ମହାନଗର ନିଗମ ୧୫ ନମ୍ବର ଓ୍ୱାର୍ଡ଼ ଅଧୀନ ରାମକୃଷ୍ଣନଗର ପଞ୍ଚମ ଲାଇନ୍‌ରେ ପାଞ୍ଚ ଦିନ ବ୍ୟାପୀ ଭଗବତୀ ମହାଲକ୍ଷ୍ମୀ, ଗଣେଶ ଓ ସରସ୍ୱତୀଙ୍କ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଦେବାଦେବୀଙ୍କ ନବ ନିର୍ମିତ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚବିଶ ପ୍ରହର ନାମଯଜ୍ଞ, ଘୃତଯଜ୍ଞ, ଅର୍ଣ୍ଣ ଯଜ୍ଞ, ଜ୍ଞାନଯଜ୍ଞ ବୁଧବାର ଠାରୁ ଆରମ୍ଭ ହୋଇ ରବିବାର ଶେଷ ହୋଇଛି। ବରିଷ୍ଠ ପୂଜକ ଅଶୋକ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ଓ ନୀତି ସମାପନ ହୋଇଛି।ମନ୍ଦିର ପରିଚାଳନା କମିଟି ସଭାପତି ଆ ?.ମୁରଲୀ ମୋହନ ଓ ପତ୍ନୀ ତଥା ସ୍ଥାନୀୟ କର୍ପୋରେଟର ଆର.ପାଢ଼ୀଙ୍କ ସମେତ କମିଟି ସଦସ୍ୟ ମାନଙ୍କ ନେତୃତ୍ୱ ରେ ପାର୍ଶ୍ୱ ଦ୍ୱାର, ଚକ୍ର ଓ ଧ୍ୱଜ ସ୍ଥାପନ, ଦେବତା ପ୍ରବେଶ, ଯଜମାନ ପ୍ରତିଷ୍ଠା, ମହାଧ୍ୱଜ ଭ୍ରମଣ ଓ ପୂର୍ଣ୍ଣାହୂତି ପୂଜାର୍ଚ୍ଚନା କରାଯାଇଥିଲା। ବ୍ରହ୍ମପୁର ସହରର ତଥା ଆଖପାଖ ଅଞ୍ଚଳର ଦେବଦେବୀ ମନ୍ଦିର ରୁ ମା ଲକ୍ଷ୍ମୀଙ୍କୁ ଉପହାର ପଠେଇଥିଲେ। ଏହି ମନ୍ଦିର ପ୍ରତିଷ୍ଠା ଅବସରରେ ବ୍ରହ୍ମପୁର ସାଂସଦ ଶ୍ରୀ ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ ଶ୍ରୀ କେ ଅନୀଲ କୁମାର,ସମାଜସେବୀ ଶ୍ରୀ ଅରକ୍ଷିତ ଜେନା,ପୂର୍ବତନ ସାଂସଦ ଶ୍ରୀ ଚନ୍ଦ୍ର ଶେଖର ସାହୁ, ବରିଷ୍ଠ ନେତା ଶ୍ରୀ ଭୃଗୁ ବକ୍ସିପାତ୍ର ଓ ମହାନଗର ନିଗମର ସମସ୍ତ କର୍ପୋରେଟର ମାନେ ଯୋଗ ଦେଇ ମା ଭଗବତୀ ମହାଲକ୍ଷ୍ମୀ ଓ ଗଣେଶ ସରସ୍ୱତୀ ଙ୍କ ଦର୍ଶନ କରି ଆଶୀର୍ବାଦ କୃପା ପ୍ରାପ୍ତି ହୋଇଥିଲେ। ଦୀର୍ଘ ପାଞ୍ଚ ଦିନ ଧରି ମନ୍ଦିର ପ୍ରତିଷ୍ଠା ଚାଲିଥିବା ବେଳେ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅର୍ଣ୍ଣ ପ୍ରସାଦ ର ବ୍ୟବସ୍ଥା କରାଯାଉଥିଲା। ତତସହ ବଡ ବଜାର ତିନିଗୋଟି ପଟା ରିକ୍ସା ସଂଘର ସଦସ୍ୟ ମାନଙ୍କ ସହ ଆଖପାଖ ଅଞ୍ଚଳର ବହୁ ଭକ୍ତ ମାନଙ୍କ ସହଯୋଗରେ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମରେ ସ୍ୱେଚ୍ଛାକୃତ ସେବା ଦେଇଥିବାରୁ ସେମାନଙ୍କୁ କମିଟି ସଭାପତି ଆର ମୂରଲୀ ମୋହନଙ୍କ ସାଧୁବାଦ ଜଣାଇଛନ୍ତି ।

# ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ଏନଏସିସ୍ତରୀୟ ସମ୍ମିଳନୀ



**ଆଠମଲ୍ଲିକ,୨୨।୬ :** ସ୍ଥାନୀୟ ଏନ ଏ ସି ତରଫରୁ କଲେଜ ରୋଡ ସ୍ଥିତ କଲ୍ୟାଣ ମଣ୍ଡପ ପରିସର ରାଜ୍ୟ ସରକାର ଙ୍କ ର ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ଧାରା ରାଜ୍ୟ ସାରା କାର୍ଯ୍ୟକ୍ରମ ରେ ବିଜ୍ଞାପିତ ଅଞ୍ଚଳ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭା ରେ ଅତିଥି ଭାବରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା,ଏନ ଏ ସି ଅଧ୍ୟକ୍ଷା ଆଶା କୁମାରୀ ସାହୁ,କାଉନସିଲର ନୂତନ ବେହେରା, ଇବ୍ରାହିମ ଖାଁ, ସିଲି ମୁଣ୍ଡା, ପ୍ରୀତି ନାଏକ, ମଞ୍ଜରୀ ଦନ୍ତା ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ର ବିଭିନ୍ନ ଜନ କଲ୍ୟାଣ କାରି ଯୋଜନା ଉପରେ ଆଲୋକ ପାତ କରିଥିଲେ । ଏହି ଅବସରରେ ନୂତନ ହିତାଧିକାରୀ ଭତ୍ତା, ପରିବାର ମଙ୍ଗଳ ଯୋଜନା, ଓ ନୂତନ ରାସନ କାର୍ଡ ବଣ୍ଟନ କରା ଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମ ରେ ସହକାରୀ ଯନ୍ତ୍ରୀ ସୋମି ଲତା ପ୍ରଧାନ, ସିଇଓ ସଙ୍ଗୀତା ମହାପାତ୍ର, ଡ଼ି ଏମ ଏମ ସୀମା ପ୍ରଧାନ, ଅବିନାଶ ମିଶ୍ର, ଉମାକାନ୍ତ ଦାଶ, ରମାକାନ୍ତ ବିଶ୍ୱାଳ, ବିଶ୍ୱ ରଞ୍ଜନ ଭୁକ୍ତା, ନିର୍ମଳ ବେହେରା ଙ୍କ ସମେତ ପୌର କର୍ମଚାରୀ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ । ଶେଷରେ ଉମାକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରିଲା ଖରାଛୁଟି, ବାଜିଲା ସ୍କୁଲ ଘଣ୍ଟି

**ଶେରଗଡ,୨୨।୬ :** ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଗତ ଅପ୍ରେଲ ୨୧ ତାରିଖ ଠାରୁ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ୬୦ ଦିନ ବନ୍ଦ ରହିବା ପରେ ସୋମବାର ଠାରୁ ସ୍କୁଲ ଖୋଲିଛି। ଗ୍ରୀଷ୍ମ ର ପ୍ରକୋପ ହ୍ରାସ ପାଇଥିବା ବେଳେ ଗ୍ରୀଷ୍ମ ଛୁଟି ଅବକାଶ ପରେ ସରିଲା ଖରାଛୁଟି, ବାଜିଲା ସ୍କୁଲ ଘଣ୍ଟି। ସ୍କୁଲ ଖୋଲିବାର ପ୍ରଥମ ଦିନ ରେ ପ୍ରଧାନ ଶିକ୍ଷକ ମାନେ ନିଜ ବିଦ୍ୟାଳୟର ଅନ୍ୟ ଶିକ୍ଷକ ମାନଙ୍କ ସହ ବୈଠକ କରି ପାଠ୍ୟ ଖସଡା ପ୍ରସ୍ତୁତ କରିଛନ୍ତି। ପିଲାଙ୍କ ପାଠପଢା ଯେଭଳି ସ୍ୱାଭାବିକ ହେବ ଏବଂ ୨୦୨୬-୨୭ ଶିକ୍ଷା ବର୍ଷ ଠିକ ଭାବେ ପରିଚାଳିତ ହେବ,ତାହାକୁ ଦୃଷ୍ଟିରେ ରଖି ଶେରଗଡ ବିଇଓ ଲକ୍ଷ୍ମୀ ନାରାୟଣ ପଣ୍ଡା ଙ୍କ ନେତୃତ୍ୱରେ ଏବିଇଓ ଶ୍ରୀମତି ଶୈଳେନ୍ଦ୍ରୀ ଦଳେଇ ଦିବାକର ଗମାଙ୍ଗୋ ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ଖୋଲିବା ପରେ ଛାତ୍ରଛାତ୍ରୀ ବେଶ ଉତ୍ସାହିତ ଥିବା ପରିଲକ୍ଷିତ ହୋଇଛି।

# ବିକାଶର ଧାରା ଓଡିଶା ସାରା, ଯୁବ ପିଢୀ ସ୍ୱାବଲମ୍ବୀ ହେଲେ ସମୃଦ୍ଧ ହେବ ଓଡିଶା



**ଶେରଗଡ,୨୨।୬ :** ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ଏମଏସଏମଇ ବିଭାଗ ପକ୍ଷରୁ ବ୍ଲକ ପରିସରରେ ବିକାଶ ର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ ସରକାରଙ୍କ ସଫଳ ଶାସନ ର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଶେରଗଡ ବିଡିଓ ମିସ ତୃପ୍ତିମୟୀ ଜେନା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୂଖ୍ୟ ଅତିଥି ରୂପେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଶିଶିର କୁମାର ମିଶ୍ର ଯୋଗ ଦେଇ ଏକ ବିକଶିତ ରାଷ୍ଟ୍ର ନିର୍ମାଣ ରେ ଯୁବଶକ୍ତି ହେଉଛନ୍ତି ମେରୁଦଣ୍ଡ। ଏଣୁ ଯୁବ ପିଢୀ ଙ୍କୁ ସଶକ୍ତ କରିବାକୁ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ସାମିଲ ହୋଇ ସଶକ୍ତ ରାଷ୍ଟ୍ର ନିର୍ମାଣ ରେ ଯୋଗ ଦେବାକୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରିଣୀ ଅର୍ପିତା ପ୍ରିୟଦର୍ଶିନୀ,ଏମଏସଏମଇ ତଥା ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ରେ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଉପସ୍ଥିତ ଆଇଆଇଟି ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ମଞ୍ଚାସୀନ ଅତିଥି ମାନେ ପରାମର୍ଶ ଦେଇଥିଲେ। ଶେରଗଡ ଦକ୍ଷତା ବିକାଶ କେନ୍ଦ୍ର ର ପ୍ରତିନିଧି ବିଭୂତି ଭୂଷଣ ସ୍ୱାଇଁ ଏବଂ ପରିଚାଳକ ବିକାଶ କୁମାର ସ୍ୱାଇଁ ସମସ୍ତ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ।

## ଯୁବ ପ୍ରତିଭାଙ୍କ ପାଇଁ ବଡ଼ ମଞ୍ଚ

# ସିଙ୍ଗିଙ୍ଗ କଣ୍ଟେଷ୍ଟ ସିଜ୍‌ନ-୨, ଅଗଷ୍ଟ ୨ରେ ଫାଇନାଲ



**ବ୍ରହ୍ମପୁର,୨୨।୬ :** ଗଞ୍ଜାମ ଜିଲ୍ଲା ର ସାଂସ୍କୃତିକ ଓ ସାହିତ୍ୟିକ ପରମ୍ପରା କୁ ଆଗକୁ ନେବା ସହିତ ଯୁବପିଢ଼ି ରେ ଲୁକାୟିତ ସଂଗୀତ ପ୍ରତିଭା କୁ ଉଭାସିତ କରିବା ଉଦ୍ଦେଶ୍ୟ ରେ 'ବ୍ରହ୍ମପୁର ସିଙ୍ଗିଙ୍ଗ କଂଟେଷ୍ଟ ସିଜନ -୨' ଚ ଅପ୍ରେଲ ୨୬ ତାରିଖ ଠାରୁ ଚୟନ ପ୍ରକ୍ରିୟା ଆରମ୍ଭ ହୋଇ ଜୁଲାଇ -୨୧ରେ ସେମିଫାଇନାଲ ଓ ଅଗଷ୍ଟ ୨ ତାରିଖ ରେ ଫାଇନାଲ ପ୍ରତିଯୋଗିତା ବ୍ରହ୍ମପୁର ଗଞ୍ଜାମ ରେ ଆୟୋଜିତ କରାଯିବ ଓ ରାଜ୍ୟ ର ସୁନାମଧନ୍ୟ ସଂଗୀତ ଗୁରୁ ମାନେ ବିଚାରକ ମଣ୍ଡଳୀ ରେ ରହି ଅଡିସନ ରେ ଚୟନ ହୋଇଥିବା ପ୍ରତିଭା ମାନଙ୍କ ମଧ୍ୟରୁ ବିଜେତା ଘୋଷିତ କରିବେ ଓ ପୂର୍ବ ସିଜନ ର ସଫଳତା ପରେ ଏହି ବର୍ଷ ଏହି କାର୍ଯ୍ୟକ୍ରମ କୁ ଜିଲ୍ଲା ର ବିଭିନ୍ନ ଅଞ୍ଚଳ କୁ ବିସ୍ତାର କରାଯାଇ ଅଡିସନ ରେ ପ୍ରତିଯୋଗୀ ମାନେ ଯୋଗ ଦେବାପାଇଁ ଆହ୍ୱାନ କରାଯାଇଥିଲା ଓ ରାଜ୍ୟ ର ଏକ ପ୍ରମୁଖ ସଂଗୀତ ପ୍ରସ୍ତୁତକାରୀ ଚ୍ୟାନେଲ ଅଦିତି ସାଇ ମ୍ୟୁଜିକ ଓ ରାଭିସ ଗ୍ଲାମର ଓ୍ୱାର୍ଲଡ ଦ୍ୱାରା ପ୍ରଯୋଜିତ ଏହି ସଂଗୀତ ପ୍ରତିଯୋଗିତା ଆୟୋଜନ କରୁଥିବା ବେଳେ, ଚୟନ ହୋଇଥିବା ପ୍ରତିଭା ମାନଙ୍କୁ ବିଭିନ୍ନ କ୍ଷେତ୍ର ରେ ସୁଯୋଗ ଦେବାର ପ୍ରମୁଖ ଲକ୍ଷ ରଖାଯାଇଛି । ଏହିକ୍ରମ ରେ ପ୍ରତିଯୋଗିତା ର ଅଡିସନ ରାଉଣ୍ଡ ପୁରୁଷୋତ୍ତମପୁର, ଆସ୍କା, ଭଞ୍ଜନଗର, ଦିଗପହଣ୍ଡି ଓ ବ୍ରହ୍ମପୁର ରେ ଶେଷ ଅଡିସନ ଆୟୋଜିତ ହୋଇଯାଇଛି ଓ ସେମିଫାଇନାଲ ଓ ଅଗଷ୍ଟ ପ୍ରଥମ ସପ୍ତାହ ରେ ଗ୍ରାଣ୍ଡ ଫାଇନାଲ ବ୍ରହ୍ମପୁର ରେ ଆୟୋଜନ କରାଯିବାକୁ ପ୍ରସ୍ତାବିତ ରହିଛି । ଉକ୍ତ ପ୍ରତିଯୋଗିତା ରେ ସାମିଲ ପାଇଁ ୧୫ ରୁ ୩୫ ବର୍ଷ ବୟସ ସୀମା ରହିଥିବା ବେଳେ ଯେ କୌଣସି ସଂଗୀତ ପରିବେଷଣ କରିପାରିବେ ଓ ପ୍ରତିଯୋଗିତା ପାଇଁ କୌଣସି ପ୍ରବେଶ ଦେୟ ଦେବାକୁ ପଡିବ ନାହିଁ ଓ ତେଣୁ ସବୁ ବର୍ଗ ର ପ୍ରତିଯୋଗୀ ମାନେ ପ୍ରତିଯୋଗିତା ରେ ଭାଗ ନେବାପାଇଁ ଆୟୋଜକ ମଣ୍ଡଳୀ ତରଫରୁ ନିବେଦନ କରାଯାଉଛି ଓ ଏନ୍ ଜି ଓ ହଲ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ସଂଗୀତ ଗୁରୁ ଗଣେଶ ପଟ୍ଟନାୟକ, ଅଦିତି ସାଇ ମ୍ୟୁଜିକ ର ପ୍ରତିଷ୍ଠାତା ଧ୍ରୁବ ଚରଣ ରଣା, ରାଭିସ ଗ୍ଲାମର ଓ୍ୱାର୍ଲଡ ର ରବୀନ୍ଦ୍ର ଗୌଡ଼, ତାପସ ପାଣିଗ୍ରାହୀ, ସୁଦୀପ କୁମାର୍ ସାହୁ, ସୂର୍ଯ୍ୟ ପାତ୍ର, ପ୍ରତାପ ପ୍ରଧାନ, ଋଷିକେଶ ବେହେରା, ଶ୍ରୀୟା ପଟ୍ଟନାୟକ, ସୂର୍ଯ୍ୟ ନାରାୟଣ ପାତ୍ର,ପ୍ରମୁଖ ଉପସ୍ଥିତ ଥିଲେ ।

# ଭିଳାସା ସଙ୍ଗୀତ ଓ ନୃତ୍ୟ ଉତ୍ସବ




**ବ୍ରହ୍ମପୁର,୨୨।୬ :** ପ୍ରକାଶମ ହଲ ଠାରେ ଲଳିତା କଲ୍‌ଚରାଲ ଏକାଡେମୀ ତରଫରୁ ଭିଳାସା ନାମରେ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ ୨୦୨୬ ଆୟୋଜିତ ହୋଇଯାଇଛି । ହାଉସିଂଙ୍ଗ ବୋର୍ଡ କଲୋନୀ ଜଗନ୍ନାଥ ବିହାର ସ୍ଥିତ ଲଳିତା କଲ୍‌ଚରାଲ ଏକାଡେମୀ ତରଫରୁ ଏପରି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏକାଡେମୀ ର ପ୍ରତିଷ୍ଠାତ୍ରି ଭି. ଚନ୍ଦ୍ରକଳା ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ କାର୍ଯ୍ୟକ୍ରମ ରେ ଉତ୍ସବର ସଭାପତି ପି .ସତ୍ୟ ନାରାୟଣ ,ଦୀନବନ୍ଧୁ ଦୋରା, କଳାପ୍ରେମୀ ଅଜିତ୍ ପାତ୍ର,ରାଜା ସେନାପତି, ଏ.ଜଗଦୀଶ, ବରିଷ୍ଠ ସାମ୍ବାଦିକ ତଥା ଗାୟକ ସୁଦିପ କୁମାର୍ ସାହୁ , ସମାଜସେବୀ ସୁଶାନ୍ତ ସାବତ,ମନୋଜ ମହାପାତ୍ର ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ ।ସଭାପତି ଦ୍ୱାରିକା ନାଥ, କାମେଶ୍ୱର୍ ଅବିନାଶ, ଲଳିତା ହାସିନି, ସ୍ୱପ୍ନା, ସ୍ୱାତୀ, ଅଜୟ କୁମାର, କିଶୋର ଙ୍କ ସମେତ ଏକାଡେମୀ ର ଅନ୍ୟ କର୍ମକର୍ତ୍ତା ଅନୁରୁପ ଉପସ୍ଥିତ ଥିଲେ । କାର୍ତ୍ତିକ ପାଣିଗ୍ରାହି ସଂଯୋଜନା କରିଥିଲେ। ଏଠାରେ ଓଡ଼ିଶୀ, ସମ୍ବଲପୁରୀ, ସେମି କ୍ଲାସିକାଲ, ଆଧୁନିକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ସେହିପରି ଲଟେରୀ ଉଠାଣ ସହ ପୁରସ୍କାର ଓ ଅତିଥି ମାନଙ୍କୁ ସମ୍ମାନୀତ କରାଯାଇଥିଲା । ତେଲଗୁ ଜଗତର ଖ୍ୟାତନାମା ଗାୟିକା ବିଜୟ ଲକ୍ଷ୍ମୀ ନିଜର ସଙ୍ଗୀତ ମାଧ୍ୟମରେ ସଭିଙ୍କୁ ଉତ୍ସାହିତ କରିଥିଲେ ।

# ଝିଅ ପୁଅଙ୍କ ନାମରେ ଜୀବନରୁ ମାରି ଦେବାର ମିଥ୍ୟା ଅଭିଯୋଗ ଆଣିଲେ ବାପାମାଆ

**ବାସୁଦେବପୁର,୨୨।୬ :** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ପଦୁଆଁ ପଞ୍ଚାୟତ ର ବେହେରା ସାହିରେ ଥିବା ସାହୁ ପରିବାରର ବାପା (ଅଭୟ ସାହୁ) , ମା (ଶାନ୍ତିଲତା ସାହୁ) ଏବଂ ଝିଅ ପୁଅ ତିନି ଜଣଙ୍କ ମଧ୍ୟରେ ହୋଇଥିବା ଝଗଡା ଏବେ ରୋଚକ ମୋଡରେ। ବାପା ମାଆ ହୋଇ କିପରି କଳ୍ପିତ କାହାଣୀ ମାଧ୍ୟମରେ ନିଜ ସନ୍ତାନମାନଙ୍କ ବିରୋଧ ରେ ଥାନା ରେ ଜୀବନରୁ ମାରି ଦେବା ର କରିଥିଲେ ମିଥ୍ୟା ଅଭିଯୋଗ । ସୂଚନା ଅନୁଯାୟୀ କିଛି ଦିନ ତଳେ ଝିଅ ପୁଅ ମିଳିମିଶି ବାପା ମାଆ ଙ୍କୁ ମାରିବା ଏବଂ ଶାରିରୀକ ମାନସିକ ଯନ୍ତ୍ରଣା ଦେବା ର କିଛି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଯାହାକୁ ନେଇ ସମାଜରେ ଝିଅ କୁ ଦୋଷାରୋପ କରିବା ସହିତ ସୋସିଆଲ ମିଡିଆରେ ବିଭିନ୍ନ ଅଶ୍ଳୀଳ ମନ୍ତବ୍ୟ ପୋଷ୍ଟ କରାଯାଇଥିଲା। ଦର୍ଶକ ବନ୍ଧୁ କଣ କେବେ ଏହି ଘଟଣା ପଛରେ ରହସ୍ୟ ଜାଣିବାକୁ କେହି ଚେଷ୍ଟା କରିଛନ୍ତି ? କିଛି ଅସାମାଜିକ ଲୋକ ମାନଙ୍କ କୁମନ୍ତ୍ରଣା ରେ ପଡି ବାପାମାଆ ନିଜ ପିଲାମାନଙ୍କର ଭବିଷ୍ୟତ ସାରା ସମାଜ ଆଗରେ ନିଲାମ କରିଦେଲେ। ସେ ବୁଝି ପାରିଲେ ନାହିଁ ସତ୍ୟ ଦିନେନା ଦିନ ସାମ୍ନାକୁ



ଆସିବ। ଆଉ ମିଛ ଉପରୁ ପରଦା ହଟିବ ।

ଯାହାବି ଘଟଣା ଘଟିଥିଲା ତାହା ପରିବାର ମଧ୍ୟରେ ଆପୋଷ ବୁଝାମଣା କରି ସମାଧାନ ହୋଇ ପାରିଥାନ୍ତା ! ସୋସିଆଲ ମିଡିଆରେ ଭାଇରାଲ ହେବାପରେ ଆମ ଗଣମାଧ୍ୟମ ପ୍ରତିନିଧି ଏହି ଘଟଣା ର ସତ୍ୟାସତ୍ୟ ଜାଣିବାକୁ ଚେଷ୍ଟା କରିଥିଲେ ଏବଂ ବାପା ଅଭୟ କୁମାର ସାହୁ ଜଣେ ଭଦ୍ର ବ୍ୟକ୍ତି ଙ୍କ ସହିତ ଏକ ଅଡିଓ କଲରେ ସମସ୍ତ ସତ୍ୟ କଥା କହିଥିବାର ଅଡିଓ ରେକର୍ଡିଂ ଆମ ଗଣମାଧ୍ୟମ ପ୍ରତିନିଧି ହାତରେ ଲାଗିଛି। ବାପା ଙ୍କ କହିବା ଅନୁସାରେ ବାପା ମାଆ ଦୁଇ ଜଣ ଜୁନ୍ ୩ ତାରିଖ ଦିନ ଅପରାହ୍ନ ପ୍ରାୟ ୩:୩୦ ସମୟରେ ଏକ ମଟର ସାଇକେଲ ଯୋଗେ ବାସୁଦେବପୁରରୁ ଆସୁଥିବା ସମୟରେ ଅଧା ବାଟରେ ମଟର ସାଇକେଲ ରୁ ମାଆ ପଡ଼ିଯାଇଥିଲେ। ଫଳରେ ତାଙ୍କ ଶରୀରରେ ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ବାଟରେ ଯାଉଥିବା ଲୋକମାନେ ତାଙ୍କୁ ଉଠାଇ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ପରବର୍ତ୍ତୀ ସମୟରେ ଏହି ଦୁର୍ଘଟଣା କୁ କେନ୍ଦ୍ର କରି ଜୁନ୍ ୬ ତାରିଖ ଦିନ ଜୀବନ ରୁ ମାରି ଦେବାକୁ ଉଦ୍ୟମ କରୁଥିବା ଦର୍ଶାଇ ମିଛରେ ଝିଅ ପୁଅ ଙ୍କ ନାମରେ ବାସୁଦେବପୁର ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ଯାହାଫଳରେ ଆଟେମ୍ପ୍ଟ ଟୁ ମଡର କେଶ ପିଲାମାନଙ୍କ ଉପରେ ହୋଇଥିଲା। ଏହି ପରି ଭାବରେ ନିଜ ଝିଅ ପୁଅ ମାନଙ୍କୁ ମିଛ କେଶରେ ଫଶାଇଛନ୍ତି ବାପା ମାଆ। ଏହି ସମସ୍ତ ଘଟଣାକୁ ନିକଟରେ ଦେଖିଥିବା ଭଦ୍ର ବ୍ୟକ୍ତି ଙ୍କ ବିଷୟରେ ଖବର ପାଇ ତାଙ୍କୁ ଗଣମାଧ୍ୟମ ପ୍ରତିନିଧି ଭେଟିବା ସହିତ ତାଙ୍କର ପ୍ରତିକ୍ରିୟା ନେଇଥିଲେ ଏବଂ ସେ ଭଦ୍ର ବ୍ୟକ୍ତି ଜଣକ ଆବଶ୍ୟକ ପଡିଲେ କୋର୍ଟରେ ସାକ୍ଷୀ ଦେବେ ବୋଲି ପ୍ରତିକ୍ରିୟା ରେ କହିଛନ୍ତି। ଏମିତି ଭାତ ହାଣ୍ଡିରୁ ଗୋଟିଏ ପରି ଅନେକ କଥା ଅଛି ଯାହା ବାପା, ମାଆ କୁ ମୋହରା କରି ପିଲାମାନଙ୍କ ନାମରେ ମିଛ କେଶ୍ କରିଛନ୍ତି। ପିଲାମାନଙ୍କୁ ସମାଜ ଆଗରେ ଅପମାନିତ କରିବା ସହିତ ନିଜେ ମଧ୍ୟ ଅପମାନିତ ହେଉଛନ୍ତି। ଜଣେ ଅବିବାହିତ ଝିଅ ପୁଅ ଙ୍କ ନାମରେ ବାପା ମାଆ ଙ୍କୁ ମାରିବା ର ଭିଡିଓ ସୋସିଆଲ ମିଡିଆରେ ମିଥ୍ୟା ପ୍ରଚାର କରି ଝିଅପୁଅଙ୍କର ଜୀବନ ସହିତ ଖେଳୁଛନ୍ତି ବାପା ଓ ମାଆ ଏମିତି କିଛି ଅଭିଯୋଗ କରିଛନ୍ତି ଝିଅ ଓ ପୁଅ। ମାଙ୍କର ମିଥ୍ୟା ବୟାନ ବିରୋଧ ରେ ବାସୁଦେବପୁର ଥାନାକୁ ଅନଲାଇନ ରେ ପିଲାମାନେ ଲିଖିତ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ କ୍ରମେ ମାଆଙ୍କର କେଶ୍ ରେଜିଷ୍ଟ୍ରେସନ ପୂର୍ବରୁ ପୋଲିସ ପକ୍ଷରୁ ସଠିକ୍ ତଦନ୍ତ କରିବାର ଆବଶ୍ୟକତା ଥିଲା ।

କଣ ରହିଛି ସେମାନଙ୍କ ଭିତରେ ଗୁପ୍ତ ରହସ୍ୟ ଯାହାଫଳରେ ଦୁନିଆ ଆଗରେ ହେଉଛନ୍ତି ଅପମାନିତ। ପୋଲିସ ପକ୍ଷରୁ ସଠିକ୍ ତଦନ୍ତ କରିବା ସହିତ ଅବିବାହିତ ଝିଅ,ପୁଅ ଏବଂ ବିବାହିତ ଝିଅ ଙ୍କୁ ନ୍ୟାୟ ପ୍ରଦାନ କରିବାକୁ ପିଲାମାନେ କରିଛନ୍ତି ଅନୁରୋଧ ।

# ପଞ୍ଚାୟତର ସମୃଦ୍ଧ ପାଇଁ ମଣ୍ଡଳସ୍ତରୀୟ ଆଲୋଚନାଚକ୍ର

**ବାସୁଦେବପୁର,୨୨।୬ :** କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ପଞ୍ଚାୟତ ର ସମୃଦ୍ଧ ପାଇଁ ମଣ୍ଡଳସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତୀୟ ଜନତା ପାର୍ଟି ର ରକ୍ତତୀର୍ଥ ଇରମ ମଣ୍ଡଳ ର ମଣ୍ଡଳ ସଭାପତି ବିଜୟ କୁମାର ମାଝୀ ଏବଂ ପୂର୍ବତନ ସଭାପତି ନିର୍ମଳ କୁମାର ପଣ୍ଡା ଙ୍କ ନେତୃତ୍ୱରେ ନୁଆଗାଁ ଗ୍ରାମ ପଞ୍ଚାୟତ ରେ କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପଞ୍ଚାୟତ ର ସଭାପତି ଶଶିକାନ୍ତ ମନ୍ତ୍ରୀ, ବୁଥ ସଭାପତି ରାମଚନ୍ଦ୍ର ଦାସ,ଶରତ ମଳିକ, ପ୍ରଫୁଲ୍ଲ ମଳିକ, ମନୋରଞ୍ଜନ ପାଢ଼ୀ, ମଣ୍ଡଳ ଉପ ସଭାପତି ସଞ୍ଜୟ କୁମାର ମାଝୀ, ମାନଗୋବିନ୍ଦ ମଳିକ, ନିରାକାର ମଳିକ, ପ୍ରାଣକୃଷ୍ଣ ମଳିକ, ଭରତ ମଳିକ, ବାଳକୃଷ୍ଣ ମଳିକ, ମାଘ ମଳିକ, ଉପେନ୍ଦ୍ର ମଳିକ, କଳ୍ପନା ମଞ୍ଜରୀ ନାୟକ, ଶ୍ରୀକାନ୍ତ ମଳିକ, ଅର୍ଚ୍ଚନା ଦାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ମଣ୍ଡଳ ର ସମୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ଆସୁଥିବା ସମସ୍ତ ସରକାରୀ ସୁବିଧାକୁ ଘରେ ଘରେ ପହଞ୍ଚାଇବାକୁ ନିଷ୍ପତ୍ତି ନିଆଗଲା।

# ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଅର୍ନ୍ତଜାତୀୟ ଯୋଗ ଦିବସ

**କୋଟପାଡ଼, ୨୨।୬ :** ଆଜି କୋଟପାଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ପରି ପ୍ରେକ୍ଷୀରେ ସମସ୍ତ ଛାତ୍ରୀ ଏସ.ଏସ.ଜି ଗ୍ରୁପର ମାଆ ମାନେ ଉପସ୍ଥିତ ଥିଲେ



ମାନ୍ୟବର ସାଂସଦ ଶିକ୍ଷା ବିଭାଗ ପ୍ରତିନିଧି ଚନ୍ଦ୍ରଶେଖର ଦାଶ, ବିଦ୍ୟାଳୟ ପରିଚାଳାନା କମିଟିର ଅଧ୍ୟକ୍ଷ ସୁଧିର ମହାନ୍ତି , ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ସବିତା ମାଦଳା, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଦମୟନ୍ତୀ ସାହୁ,ରତିକାନ୍ତ ମହାନ୍ତି, ସଇତା ଗୋଲାରୀ, ସସ୍ମିତା ରନ୍ଧାରୀ, ମହିମା ମୁଣ୍ଡ, ଆକାଶ ବିଭାର,ରୂପସୀ ମହାନ୍ତି,ବନିତା ମହାନ୍ତି, ପ୍ରିୟଦର୍ଶନୀ ମଣ୍ଡଳ, ଶୁଭାଶିଷ ପଣ୍ଡା,ଅଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଯୋଗ ଅଭ୍ୟାସରେ ଯୋଗ ଦେବା ସହିତ ଏହି କାର୍ଯ୍ୟକ୍ରମକୁ ସୁଚାରୁ ଭାବରେ ସହଯୋଗ କରିଥିଲେ,ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟତ୍ରୀ ଶୁଶ୍ରୀ ପ୍ରଭାସିନୀ ଲିମାଲ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଯୋଗ ଅଭ୍ୟାସର ବିସ୍ତୃତ ବିବରଣୀ ପ୍ରଦାନ କରି ସମସ୍ତ ଅତିଥି ମାନେ ଯୋଗର ମହତ୍ୱ ବିଷୟରେ ବର୍ଣ୍ଣନା କରି ଏହା କୁ କିପରି ଦୈନନ୍ଦିନ ଜୀବନରେ କିପରି ପ୍ରତିଫଳିତି କରିହେବ ତାହା ଆଲୋକପାତ କରିଥିଲେ, ସର୍ବଶେଷରେ ପ୍ରଧାନ ଶିକ୍ଷୟତ୍ରୀ ଦମୟନ୍ତୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ



**କୋଟପାଡ, ୨୨।୬ :** ସାରା ବିଶ୍ୱ ଆଜି ପାଳୁଛି ଆନ୍ତର୍ଜାତିକ ଯୋଗଦିବସ ଏହି ଅବସରରେ କୋରାପୁଟ ଜିଲ୍ଲା କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ଦିଓ୍ୱାନମୁଣ୍ଡା ପାର୍ଶ୍ୱରେ ଥିବା ପାର୍କଠାରେ ପ୍ରତେକ ବର୍ଷ ପରି ଚଳିତ ବର୍ଷ ୧୨ ତମ ଯୋଗ ଦିବସ ପାଳିତ ହୋଇଯାଇଛି,ଏହି ପାର୍କ ଠାରେ ଦୈନାଦିନ ଯୋଗ କରି କୋଟପାଡ଼ ଅଞ୍ଚଳରେ ଉଦାହରଣ ଉପସ୍ଥାପନା କରିଥିବା ବେଳେ ଆଜି ୧୨ତମ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଯୋଗ ଗୁରୁ ଶ୍ରୀରଙ୍ଗ ନାୟକଙ୍କ ଯୋଗ ବ୍ୟାୟାମ ଗୁଡିକ ଉପସ୍ଥାପନା କରାଯାଇଥିବାର ଦେଖିବାକୁ ମିଳିଛି ,ଶ୍ରୀ ନାୟକ ଆଜି ମଧ୍ୟ ଉପସ୍ଥିତ ରହିବା ସହିତ ସମସ୍ତଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବା ପାଇଁ କହିଥିଲେ ଓ ଯୋଗ କରିବା ଦ୍ୱାରା ଶରୀର ସୁସ୍ଥ ରହିବ ବୋଲି ସମସ୍ତ ବ୍ୟାୟାମ କରୁଥିବା ସଦସ୍ୟମାନଙ୍କୁ ପ୍ରକାଶ କରିଥିଲେ,କୋଟପାଡ଼ ଅଞ୍ଚଳର ଯୋଗ ଗୁରୁ ବିଜୟ ଖାଡ଼ଙ୍ଗା,ସିରଙ୍ଗ ନାୟକ, ରବୀନ୍ଦ୍ର କର ବିଭିନ୍ନ ସ୍ଥାନରେ ଅଞ୍ଚଳବାସୀମାନଙ୍କୁ ଯୋଗ ଶିକ୍ଷାକୁ ଆଗକୁ ନେଉଥିବାର ଦେଖିବାକୁ ମିଳିଛି,କୋଟପାଡ଼ ଅଞ୍ଚଳର ବିଭିନ୍ନ ପ୍ରକାର ଯୋଗାସାନ ବ୍ୟୟାମ କରୁଥିବା ସଦସ୍ୟ ମାନଙ୍କ ମଧ୍ୟରେ ଗୁରୁ ସିରଙ୍ଗ ନାୟକ,ଅଭିମନ୍ୟୁ ମଲ୍ଲିକ,ସମନାଥ ସମରଥ, ବିକାଶ ପଟ୍ଟନାୟକ,ସୁଶାନ୍ତ ସାହୁ,ଈଶ୍ୱର ରାଓ,ରମେଶ ମଣ୍ଡଳ,ଦୁର୍ଗା ନାୟକଙ୍କ ସହିତ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି ଯୋଗ କରୁଥିବାର ଦେଖିବାକୁ ମିଳିଥିଲା।

# ରାଜଗାଙ୍ଗପୁର ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ବଣାଇଁ, ୨୨।୬ :** ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁର ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତ ପାଲ କୌର ଉପସ୍ଥିତ ରହି



ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୧୨୫ ଗୋଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୫୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୬୭ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୯ ଗୋଟି ଅଭିଯୋଗ ର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୮ ଗୋଟି ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣି ରେ ମାନ୍ୟବର ବିଧାୟକ, ରାଜଗାଙ୍ଗପୁର ଡ଼ା ସି ଏସ ରାଜେନ ଏକ୍କା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା ତଥା ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

# ପୌରପାଳିକା ଓ ପଞ୍ଚାୟତ ସମିତି ମିଳିତ ଭାବେ ଆନ୍ତର୍ଜାତୀୟ ଯୋଗ ଦିବସ

**ବାସୁଦେବପୁର,୨୨।୬ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ନେତୃତ୍ୱରେ ସାରା ଦେଶରେ ଜୁନ୍ ୨୧ ତାରିଖ କୁ ଆନ୍ତର୍ଜାତୀୟ ଯୋଗ ଦିବସ ଭାବରେ ପାଳନ କରୁଅଛି । ଏହି କ୍ରମରେ ପ୍ରଧାନମନ୍ତ୍ରୀ ଙ୍କ ୧୨ ବର୍ଷ ଶାସନ ସହିତ ୧୨ ବର୍ଷ ର ଆନ୍ତର୍ଜାତୀୟ ଯୋଗ ଦିବସ କୁ ଦେଶବାସୀ ଅତି ଆନନ୍ଦ ଉଲ୍ଲାସର ସହିତ ପାଳନ କରୁଛନ୍ତି। ସେହିପରି ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଓ ପଞ୍ଚାୟତ ସମିତି ପକ୍ଷରୁ ମିଳିତ ଭାବରେ ଦ୍ୱାଦଶ ତମ ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପାଳନ କରିଛନ୍ତି। ଏହି ଅବସରରେ ବାସୁଦେବପୁର ପୌରପାଳିକା ସ୍ଥିତ ନିଳମଣୀ ଟାଉନ୍ ହଲ୍ ଠାରେ ଆୟୋଜିତ ଯୋଗ ଶିବିରରେ ଯୋଗ ଗୁରୁ ଭାବରେ ବାସୁଦେବପୁର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା ସେବା ପ୍ରମୁଖ ତଥା ବାସୁଦେବପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ର ଯୋଗ ପ୍ରଶିକ୍ଷକ ସଶାଙ୍କ ଶେଖର ସାମଲ, ବେତଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ଯୋଗ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ନାୟକ ଏବଂ ବିନାୟକପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ର ଯୋଗ ପ୍ରଶିକ୍ଷକ ମନ୍ମଥ ନାୟକ ଯୋଗଦେଇଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ମାଧ୍ୟମ ରେ ସାରା ଦେଶରେ ଦେଶବାସୀ ତଥା ବିଶ୍ୱକୁ ରୋଗମୁକ୍ତ କରିବାର ଯେଉଁ ମହାନ ଉଦ୍ଦେଶ୍ୟ ରଖିଛନ୍ତି ତାହା ର ପ୍ରଭାବ ଦେଶର କୋଣ ଅନୁକୋଣରେ ଦେଖିବାକୁ ମିଳିଛି। ଦେଶବାସୀ ପ୍ରଧାନମନ୍ତ୍ରୀ ଙ୍କ ଉଦ୍ଦେଶ୍ୟକୁ ସଫଳତା ର ସହିତ ଆଗକୁ ବଢ଼ାଇବାକୁ ଚେଷ୍ଟା କରୁଥିବାର ଦେଖିବାକୁ ମିଳୁଛି। ଏହି ଯୋଗକୁ ପ୍ରତ୍ୟେକ ଦିନ ଜୀବନ ଚର୍ଯ୍ୟା ରେ ମୁଖ୍ୟ ଅଂଶ ଭାବରେ ଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି। ଯାହାଫଳରେ ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ଓ ସ୍ୱାସ୍ଥ୍ୟବାନ ରହିବା ସହିତ ଦେଶ ମଧ୍ୟ ସୁସ୍ଥ ରହିବ ବୋଲି କହିଛନ୍ତି। ଉକ୍ତ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ଆଜି ସକାଳ ୭ ଟା ରୁ ଆରମ୍ଭ ହୋଇ ୮ ଟା ୩୦ ପର୍ଯ୍ୟନ୍ତ ଚାଲିଥିଲା। ଏହି ଯୋଗ ଶିବିରରେ ବିଭିନ୍ନ ପ୍ରକାରର ଯୋଗାସନ ସହିତ ପ୍ରାଣାୟମ, ଅନୁଲମ ବିଲମ ସବୁ



ପର୍ଯ୍ୟାୟ କ୍ରମେ କରାଯାଇଥିଲା। ଏଥିରେ ପୌରପାଳିକା ର କାର୍ଯ୍ୟ ନିର୍ବାହ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ପଞ୍ଚାୟତ ସମିତି ଅଧିକାରିଣୀ ତନ୍ମିତା କର, ବିଧାନ ସଭା ନେତା ବାଣୀ କଲ୍ୟାଣ ମହାନ୍ତି, ବିଜେପି ଜିଲ୍ଲା କୋଷାଧ୍ୟକ୍ଷ ଜୟପ୍ରକାଶ ମଲ୍ଲିକ୍, ସମାଜସେବୀ ଉଦୟ ନାରାୟଣ ମଲ୍ଲିକ୍ ଙ୍କ ସମେତ ପୌରପାଳିକା ର କର୍ମଚାରୀ, ପଞ୍ଚାୟତ ସମିତି ର କର୍ମଚାରୀ ଏବଂ ବିଜେପି ର ମଣ୍ଡଳ ସଭାପତି, ପୌରପାଳିକା ପାରିଷଦ ଏବଂ ବିଭିନ୍ନ ପଞ୍ଚାୟତ ରୁ ଆସିଥିବା କାର୍ଯ୍ୟକର୍ତ୍ତା ମାନେ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ଏହି ଅବସରରେ ଯୋଗ ଗୁରୁ ଭାବରେ ଯୋଗ ଦେଇଥିବା ସଶାଙ୍କ ଶେଖର ସାମଲ ନିୟମିତ ପ୍ରତ୍ୟେକ ଦିନ ଯୋଗାଭ୍ୟାସ କଲେ ପ୍ରତ୍ୟେକ ବ୍ୟକ୍ତି ର ଜୀବନ ଶୈଳୀର ପରିବର୍ତ୍ତନ ଆସିବା ସହିତ ଶରୀର ସମ୍ପୂର୍ଣ୍ଣ ରୋଗ ମୁକ୍ତିଲାଭ କରିବା ସହ ମାନସିକ ଶାନ୍ତି ପାଇପାରିବା ବୋଲି କହିଥିଲେ।

# ଗୁଡିଖାଲ ମୁନି ସମାଜ ଓ କୁଳିଦା ଜନସେବା କେନ୍ଦ୍ର ପକ୍ଷରୁ ଯୋଗ ଦିବସ



**ବସ୍ତା,୨୨।୬ :** ୧୨ ତମ ଆନ୍ତର୍ଜାତୀୟ ଯୋଗ ଦିବସ। ଶାରିରୀକ ଓ ମାନସିକ ସୁସ୍ଥତା,ବିକାଶ,ରୋଗମୁକ୍ତି ତଥା ଯୋଗ ଦ୍ୱାରା ମୁକ୍ତି ର ବାର୍ତ୍ତା ନେଇ ଆଜି କୁଳିଦା ଜନସେବା କେନ୍ଦ୍ରର ଉଦ୍ୟୋକ୍ତା ଜନ୍ମେଜୟ ପରିଡ଼ା ଙ୍କ ଆହ୍ୱାନ କ୍ରମେ ଓଡିଶା ପ୍ରାନ୍ତ ଅଖିଳ ଭୂମଣ୍ଡଳୀୟ ସର୍ବ ଶିରୋମଣି ମୁନି ସମାଜ ଗୁଡିଖାଲ ଶାଖା ଓ ଜନସେବା କେନ୍ଦ୍ର ପକ୍ଷରୁ ବସ୍ତା ବ୍ଲକ ଅନ୍ତର୍ଗତ ତେନ୍ତୁଳିଆ ସ୍ଥିତ ଶିବମୁନି ସମାଜ ସମ୍ମୁଖରେ ଆଜି ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି ।ଯୋଗଗୁରୁ ଭାବେ ଶାଖା ର ପ୍ରଚାର ସଙ୍ଗଠନ ମନ୍ତ୍ରୀ ଯୋଗୀ ଅରୁଣ ଦାସ ଯୋଗଦେଇ ଶତାଧିକ ଅନ୍ତେବାସୀ ଓ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।ଘରେ ରହି ମଧ୍ୟ ପ୍ରତ୍ୟହ ଏହି ଯୋଗାସନ ପ୍ରାଣାୟମ ଗୁଡିକୁ ଅଭ୍ୟାସ କରି ନିରୋଗ ରହିବାକୁ ବାର୍ତ୍ତା ଦେଇଥିଲେ ।ପରେ 'ଯୋଗ ଦ୍ୱାରା ରୋଗମୁକ୍ତି ଓ ଜୀବନମୁକ୍ତି' ଉପରେ ଏକ ସଚେତନତା ରାଲି ନେଇ ଶାଖା ଠାରୁ ଆରମ୍ଭ ହୋଇ ଗୁଡିଖାଲ ବଜାର ଓ ତେନ୍ତୁଳିଆ ଗ୍ରାମ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମ ରେ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଙ୍ଘ ର ସଭାପତି କମଳ ଚକ୍ରବର୍ତ୍ତୀ, ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି, ଯୋଗାଚାର୍ଯ୍ୟ ସୁଧାଂଶୁ ମୁନି,ଭାଗବତାଚାର୍ଯ୍ୟ ଦାମୋଦର ମୁନି,ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଅଶ୍ୱିନୀ କୁମାର ଦାସ ପ୍ରମୁଖ ଯୋଗଦେଇ ଯୋଗ ଉପରେ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ ସହ ବିଭିନ୍ନ ବିଦ୍ୟାଳୟ ର ମେଧାବୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ କୁ ଶାଖା ସଭାପତି ଯୋଗୀ ହରିପଦ ମୁନି, ସମ୍ପାଦକ ଯୋଗୀରାଜ ଗୋପାଳ କୃଷ୍ଣ ମୁନି,ସହ ସମ୍ପାଦକ ଯୋଗୀ ବଳରାମ ମୁନି,ଅକବର ମୁନି ଙ୍କ ସମେତ ଯୋଗ ଶିକ୍ଷୟିତ୍ରୀ ବନ୍ଦିନୀ ଜେନା ଓ କମଳ କାମିନୀ ଦେ ପ୍ରମୁଖ ପରିଚାଳନା କରିଥିବା ବେଳେ ଜନସେବା କେନ୍ଦ୍ର ର ଅପରେଟର ନିମାଇଁ ବେହେରା ଓ ଅରବିନ୍ଦ ଚୌଧୁରୀ ଙ୍କ ସମେତ ସମସ୍ତ ମୁନି ଓ ମୁନିମତୀ ସହଯୋଗ କରିଥିଲେ।

## ମୋହନ ସରକାରଙ୍କ ଦୁଇ ବର୍ଷର ସଫଳତା ଗାଥା

# ୩୩ ନମ୍ବର ଜୋନ୍‌ସ୍ତରୀୟ କାର୍ଯ୍ୟକ୍ରମରେ ବିକାଶର ଚିତ୍ର ପ୍ରଦର୍ଶିତ

### ନିଆଳି ବିଧାୟକ ଇଂ. ଛବି ମଲ୍ଲିକଙ୍କ ନେତୃତ୍ୱରେ ଜନକଲ୍ୟାଣ ଯୋଜନାର ସଫଳ ରୂପାୟନ ହିତାଧିକାରୀଙ୍କୁ ବଣ୍ଟନ ହେଲା ବିଭିନ୍ନ ସହାୟତା

**ଫୁଲନଖରା,୨୨।୬ :** ରାଜ୍ୟରେ ମୋହନ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶମୂଳକ କାର୍ଯ୍ୟର ସଫଳ ରୂପାୟନକୁ ନେଇ ବାରଙ୍ଗ ବ୍ଲକ ଅନ୍ତର୍ଗତ ଉଷୁମା ଗ୍ରାମ ପଞ୍ଚାୟତରେ ୩୩ ନମ୍ବର ଜୋନ ସ୍ତରୀୟ ଏକ ଭବ୍ୟ କାର୍ଯ୍ୟକ୍ରମ ମହା ସମାରୋହର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ସିଧାସଳଖ ଭାବେ ଲୋକଙ୍କ ଦୁଆରକୁ ପହଞ୍ଚାଇବା ଦିଗରେ ପ୍ରଶାସନର ପ୍ରୟାସ ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା। କାର୍ଯ୍ୟକ୍ରମରେ ନିଆଳିର ଲୋକପ୍ରିୟ ବିଧାୟକ ଇଂ ଛବି ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୋହନ ସରକାରଙ୍କ ଦୁଇ ବର୍ଷର ଉଲ୍ଲେଖନୀୟ ସଫଳତା, ସାଧାରଣ ଜନତାଙ୍କ କଲ୍ୟାଣ ପାଇଁ ଆରମ୍ଭ ହୋଇଥିବା ବିଭିନ୍ନ ଯୋଜନା ଏବଂ ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ



ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ ଯେ, ମୋହନ ସରକାରଙ୍କ ମୂଳ ଲକ୍ଷ୍ୟ ହେଉଛି ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ନିକଟରେ ସରକାରୀ ସୁବିଧା ପହଞ୍ଚାଇବା ଏବଂ ଏହି ଦୁଇ ବର୍ଷ ମଧ୍ୟରେ ରାଜ୍ୟର ବିକାଶରେ ଏକ ନୂତନ ଅଧ୍ୟାୟ ରଚନା ହୋଇଛି। ନିଜ ନିର୍ବାଚନ ମଣ୍ଡଳୀର ବିକାଶ ଏବଂ ଜନସାଧାରଣଙ୍କ ସମସ୍ୟାର ସମାଧାନ ଦିଗରେ ବିଧାୟକ ଇଂ ଛବି ମଲ୍ଲିକଙ୍କ ନିଷ୍ଠା, ସକ୍ରିୟତା ଓ ନିରନ୍ତର ପ୍ରୟାସକୁ ଉପସ୍ଥିତ ଜନସାଧାରଣ ପ୍ରଶଂସା କରିଥିଲେ। ସରକାରୀ ଯୋଜନାର ସଫଳ ରୂପାୟନ ସହ ଅଞ୍ଚଳର ଉନ୍ନତି ପାଇଁ ତାଙ୍କ ଦୃଢ଼ ପଦକ୍ଷେପ ଅଞ୍ଚଳବାସୀଙ୍କ ମନରେ ଏକ ସକାରାତ୍ମକ ଭରସା ସୃଷ୍ଟି କରିଛି। ଏହି ଅବସରରେ ବାରଙ୍ଗ ବିଡିଓ ସ୍ୱାଗତ ଦାସ, ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର ବାରିକ, ମହୀଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଡାଃ ସୁବାଷ ଚନ୍ଦ୍ର ଗୋଛାୟତ, ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ ପାତ୍ର, ଏବିଡିଓ ଦୀପାବଳୀ ଜେନା, ସରପଞ୍ଚ ମୀନତି ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ର, ଡାଃ ବଦ୍ରି ନାରାୟଣ ପାଢ଼ୀ ପ୍ରମୁଖ ମଞ୍ଚାସୀନ ରହି ଲୋକଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha

Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati